**ସଂକ୍ଷେପରେ**

## ୮ଏକର ଜମିରୁ ୯୬୦୦ ଗଞ୍ଜେଇ ଗଛ ନଷ୍ଟ

ନନ୍ଦପୁର, ୧୦।୧୨(ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ଅନ୍ତର୍ଗତ ବିଲାପୁଟ ପଞ୍ଚାୟତର କଣ୍ଟା ଓ ଚିଲିବା ଗ୍ରାମ ପାର୍ଶ୍ୱରେ ଥିବା ଜୋଲାପୁଟ ରିଜର୍ଭର ପ୍ରକଳ୍ପ ଜମିରେ ବେଆଇନ ଭାବେ ଚାଷ ହୋଇଥିବା ଗଞ୍ଜେଇ ଗଛକୁ ପୋଲିସ ମିଳିତ ଚଢ଼ାଉ କରି କାଟି ନଷ୍ଟ କରିଛି। ଏସଡିପିଓ ସଞ୍ଜୟ ମହାପାତ୍ରଙ୍କ ନେତୃତ୍ୱରେ ପଟାଙ୍ଗି ଅବକାରୀ ଓଆଇସି ଯୋଶୀ ବାବୁ, ନନ୍ଦପୁର ଅବକାରୀ ଏସଆଇ ଅଭୟ ନାୟକ, ମାଛକୁଣ୍ଡ ଥାନାଧିକାରୀ ଡି.ବତ୍ରିଆ, ତହସିଲର ରାଜସ୍ୱ କର୍ମଚାରୀ ଓ ଜଙ୍ଗଲ ବିଭାଗ କର୍ମଚାରୀ ଓ ପୋଲିସକୁ ନେଇ ଗଠିତ ମିଳିତ ଟିମ୍ ୮ ଏକର ଜମିରୁ ୯୬୦୦ ଗଞ୍ଜେଇ ଗଛ କାଟି ପୋଡ଼ି ନଷ୍ଟ କରିଥିବା ଜଣାପଡିଛି। ମାଜିଷ୍ଟ୍ରେଟ ଦାୟିତ୍ୱ ମାଛକୁଣ୍ଡ ଅତିରିକ୍ତ ତହସିଲଦାର ଦାମୋଦର ପ୍ରଧାନ ତୁଲାଇଥିଲେ। ଏନେଇ ମାଛକୁଣ୍ଡ ଥାନାରେ କେସ୍ ନଂ. ୧୫୪/୨୩ରେ ଏକ ମାମଲା ରୁଜୁ ହୋଇଛି। ଏସ୍‌ଆଇ ସୁରେନ୍ଦ୍ର ସେଠୀ ତଦନ୍ତ ଦାୟିତ୍ୱରେ ଅଛନ୍ତି।

## ଯୁବ ଓଡ଼ିଶା ନବୀନ ଓଡ଼ିଶା ସାଂସ୍କୃତିକ କାର୍ଯ୍ୟକ୍ରମ

ଜୟପୁର, ୧୦।୧୨(ପବନ ପାଣିଗ୍ରାହୀ)

ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଶ୍ୱବିଦ୍ୟାଳୟର ଓଏସ୍‌ଡି ଡ. ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇଥିଲେ। ରେଜିଷ୍ଟ୍ରାର ଡ. ଗୋପାଳ ହାଲଦାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ସଡ଼କ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ



କୋରାପୁଟ/ନାରାୟଣପାଟଣା, ୧୦।୧୨(ଅମିତାଭ ବେହେରା /ରାଜକିଶୋର ଜେନା )

ଭୁବନେଶ୍ୱର ଇଷ୍ଟ ଇଣ୍ଡିଆ କନସଲ ଟିମ୍ (ଇଆଇସି) ଏବଂ ନାରାୟଣପାଟଣା ପୋଲିସ ତତ୍ତ୍ୱବଧାନରେ ସଡକ ସୁରକ୍ଷା ନେଇ ଏକ ସଚେତନା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ହେଲମେଟ୍ ପିନ୍ଧି ଗାଡ଼ି ଚଳାଉଥିବା ଚାଳକଙ୍କୁ ଗୋଲାପ ଫୁଲ ଦେଇ ଶୁଭେଚ୍ଛା ଜ୍ଞାପନ କରାଯାଉଛଇ। ବିନା ହେଲମେଟରେ ଗାଡି ଚଳାଉଥିବା ଅମାନିଆ ଗାଡ଼ି ଚାଳକଙ୍କୁ ହାତଯୋଡି ଅନୁରୋଧ କରି ସଚେତନ କରାଯାଇଥିଲା। ଦୁର୍ଘଟଣାରୁ ବଞ୍ଚିବା ପାଇଁ ହେଲମେଟ ପିନ୍ଧିବା ଜରୁରୀ । ସଚେତନତା କାର୍ଯ୍ୟକ୍ରମ ସତ୍ତ୍ୱେ ଆବଶ୍ୟକସ୍ଥଳେ ଅମାନିଆ ଗାଡିଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଉଛି। କର୍ଯ୍ୟକର୍ମରେ ନାରାୟଣପାଟଣା ଥାନା ଅଧିକାରୀ ସୁଷ୍ମା କହଁର, ଇଆଇସିର ଟିମ ଲିଡର ଚକ୍ରଧର ମହାରଣା, ଏକାଦଶୀ ପରିଡ଼ା, ମୃତ୍ୟୁଞ୍ଜୟ ମୁଦୁଲି,ଗଦାଧର ମହାରଣା,ନକୁଳ ମଲିକ ଓ ଗୃହରକ୍ଷୀ ଦୈତାରି ଖୋସଲାଙ୍କ ସହ ଅନ୍ୟମନେ ଉପସ୍ଥିତ ଥିଲେ।

# ମାଣ୍ଡିଆ ଖଳାରେ ନିଆଁ ଲଗାଇଲେ ଦୁର୍ବୃତ୍ତ

**୮.୫ କୁଇଣ୍ଟାଲ ମାଣ୍ଡିଆ ପୋଡି ପାଉଁଶ**

ଦଶମନ୍ତପୁର, ୧୦।୧୨(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚଣାବାଡ଼ ପଞ୍ଚାୟତର ଗୌଡ ରାମଜୀ ଗ୍ରାମର ୪ ଜଣ ଚାଷୀଙ୍କ ମାଣ୍ଡିଆ ଖଳାରେ କେହି ଦୁର୍ବୃତ୍ତ ରବିବାର ନିଆଁ ଲଗାଇ ଦେଇଛି। ଫଳରେ ସେମାନଙ୍କ ସାଢ଼େ ୮ କୁଇଣ୍ଟାଲ ମାଣ୍ଡିଆ ପୋଡି ନଷ୍ଟ ହୋଇଯାଇଛି। ବିଲରୁ ମାଣ୍ଡିଆ ଅମଳ କରିବା ପରେ ଏହି ୪ଜଣ ଚାଷୀ ଖଳାରେ ରଖିଥିଲେ। ଚାଷୀ ଦାମ କମାରଙ୍କ ୪ କୁଇଣ୍ଟାଲ, ବର ସାଉଁତାଙ୍କ ୨ କୁଇଣ୍ଟାଲ, ସିରପତି କମାରଙ୍କ ଦେଢ଼ କୁଇଣ୍ଟାଲ ଏବଂ ଦର୍ଶନ ଜାନିଙ୍କ ୧ କୁଇଣ୍ଟାଲ ମାଣ୍ଡିଆ ଜଳି ନଷ୍ଟ ହୋଇଯାଇଛି। ଗ୍ରାମର ଦାମ କମାର ମାଣ୍ଡିଆ ଖଳାରେ ନିଆଁ ଲାଗିଥିବା ଦେଖି ଗ୍ରାମରେ ଜଣାଇଥିଲେ। ୱାର୍ଡ଼ ମେମ୍ବର ଗଙ୍ଗା କମାର, କାର୍ତ୍ତିକ କମାର, ସଦା ଜାନିଙ୍କ ସମେତ ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି ନିକଟସ୍ଥ ଝରଣାରୁ ପାଣି ଆଣି ପକାଇ ନିଆଁକୁ ଆୟତ୍ତ କରିଥିଲେ। ଖବରପାଇ ସରପଞ୍ଚ ରାଜଲକ୍ଷ୍ମୀ ମାଝି ଏବଂ ସମିତି ସଭ୍ୟ ଅମିତ ଖସଲା କ୍ଷତିଗ୍ରସ୍ତ ଚାଷୀଙ୍କ ମାଣ୍ଡିଆ ଖଳା ପରିଦର୍ଶନ କରିଛନ୍ତି। ଏନେଇ ଚାଷୀମାନେ ଥାନାରେ ଏତଲା ଦେଇଛନ୍ତି। ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି।



ଗ୍ରାମବାସୀ ଖଳାରୁ ନିଆଁ ଲିଭାଉଛନ୍ତି।

# ମାନବ ଅଧିକାର ଦିବସ ଅବସରରେ ସଚେତନତା କର୍ମଶାଳା

ଜୟପୁର,୧୦।୧୨(ପବନ ପାଣିଗ୍ରାହୀ)

ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ସତ୍ୟ ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ବାଲିଆ ପଞ୍ଚାୟତର ବିଶୋଇପୁଟ ଗ୍ରାମରେ ମାନବ ଅଧିକାର ଦିବସ ରବିବାର ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପ୍ରାଧିକରଣ ସଚିବ ବିଚାରପତି ସୁମନ ଜେନା, ସମ୍ମାନିତ ଅତିଥି ରୂପେ ପି.ସନ୍ୟାସୀ ରାଓ, ବାଲିଆ ସରପଞ୍ଚ ଉପସ୍ଥିତ ଥିଲେ। ବିଶ୍ୱର ସମସ୍ତ ଲୋକ ନିଜକୁ ନିରାପଦ ଅନୁଭବ କରିବା, ଭେଦଭାବ ବିନା ମୁକ୍ତ ଜୀବନ ବିତାଇବା, ପ୍ରତ୍ୟେକ ଲୋକଙ୍କୁ ସ୍ୱାସ୍ଥ୍ୟ, ଅର୍ଥନୈତିକ, ସାମାଜିକ ଏବଂ ଶିକ୍ଷାର ଅଧିକାରରୁ ବଞ୍ଚିତ ନ କରିବା ହେଉଛଇ ମାନବ ଅଧିକାର ଦିବସ ପାଳନର ଉଦ୍ଦେଶ୍ୟ। ଯେଉଁମାନେ ମାନବ ଅଧିକାରର ଉଲ୍ଲଂଘନ କରନ୍ତି ସେମାନଙ୍କ ପାଇଁ ଆଇନରେ ଦଣ୍ଡର ବ୍ୟବସ୍ଥା ମଧ୍ୟ ରହିଛି ବୋଲି ସଚିବ ଜେନା ପ୍ରକାଶ କରିଥିଲେ। ଏହାବ୍ୟତୀତ କାର୍ଯ୍ୟକ୍ରମରେ ଜିଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ମାଗଣା ଆଇନସେବା ସମ୍ପର୍କରେ ଉପସ୍ଥିତ ଗ୍ରାମବାସୀଙ୍କୁ ଅବଗତ କରାଯାଇଥିଲା। ପ୍ରାଧିକରଣ କର୍ମକର୍ତ୍ତା ଶ୍ରୀକାନ୍ତ ଦଣ୍ଡସେନା, ଦେବେନ୍ଦ୍ର କହଁର, ସୁବାଶ ଦୁରୁଆ, ନିଳାଞ୍ଚଳ ପାଣିଗ୍ରାହୀ, ଦୁର୍ଯ୍ୟୋଧନ ନାୟକ, ଦୀପ୍ତି ନାୟକ କର୍ମଶାଳା ପରିଚାଳନା କରିଥିଲେ।




କର୍ମଶାଳାରେ ଉପସ୍ଥିତ ଅତିଥି ଓ ଗ୍ରାମବାସୀ ।

# ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

କୋଟପାଡ଼,୧୦।୧୨ (କେ. ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧମିକ ବିଦ୍ୟାଳୟରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକା ପଦ୍ମିନୀ ଦିଆନ, ସମାନିତ ଅଥିତି ରୂପେ କୋରାପୁଟ ଜିଲା ଏସଡିସି ଅଧ୍ୟକ୍ଷ ଚନ୍ଦ୍ର ଶେଖର ମାଝୀ,
ଏନଏସି ଅଧକ୍ଷ ଏମ. ଶଙ୍କର ରାଓ, ବ୍ଲକ ଅଧ୍ୟକ୍ଷା କମଳା ଭତରା ଯୋଗ ଦେଇଥିଲେ। ପୂର୍ବରୁ ଆମ ଓଡିଶା ଯୁବ ଓଡିଶା କାର୍ଯ୍ୟକ୍ରମରେ ବିଦ୍ୟାଳୟ ପକ୍ଷରୁ ଗତ ଏକ ସପ୍ତାହ ଧରି ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରୀଛାତ୍ରମାନେ କ୍ରୀଡା, ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ରାଜ୍ୟ ସରକାର ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ଶିକ୍ଷା ସହ ଶାରୀରିକ ଶିକ୍ଷା ଓ ମାନସିକ ସ୍ତରରେ ଉନ୍ନତି ସକାଶେ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ପାଠପଢା ସହ ନିଜ ପ୍ରତିଭାର ବିକାଶ କରିପାରିବେ ବୋଲି ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ପୂଜାରୀ, ୱାର୍ଡ ସଭ୍ୟା ପରମେଶ୍ୱରୀ ବେହେରା, ସୁଧୀର ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

**ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ**




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଭାଲ୍‌ବ ଚାମ୍ବର ଖୋଲା ପକାଇ ଠିକା ସଂସ୍ଥା ପାର୍

ସୁନାବେଡ଼ା/ସେମିଳିଗୁଡ଼ା, ୧୦।୧୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସୁନାବେଡ଼ା ପୌର ପରିଷଦ ଅଧୀନରେ ଥିବା ଜନସ୍ୱାସ୍ଥ୍ୟ ବିଭାଗ ସାଧାରଣ ଲୋକଙ୍କ ପାଇଁ ଏବେ ମୁଣ୍ଡବ୍ୟଥାର କାରଣ ସାଜିଛି । ପୌରାଞ୍ଚଳର ଲୋକଙ୍କୁ ପିଇବା ପାଣି ଯୋଗାଇବା ପାଇଁ ବିଭାଗ ପକ୍ଷରୁ ୨୬ନଂ. ଜାତୀୟ ରାଜପଥ ପାର୍ଶ୍ୱବର୍ତ୍ତୀ ସେମିଳିଗୁଡା ନେତାଜୀ ସ୍କୁଲ ନିକଟ ରାସ୍ତାଠାରୁ ସହର ଅଭିମୁଖେ ଗତ କିଛି ମାସ ତଳେ ପାଇପ ଲାଇନ ବିଛାଯାଇଥିଲା । କାମ କରୁଥିବା ଠିକା ସଂସ୍ଥା ପାଣି ପାଇପ ବିଛାଇବା ପାଇଁ ଆବଶ୍ୟକ ସ୍ଥଳେ କଂକ୍ରିଟ ରାସ୍ତାଗୁଡିକୁ ଖୋଳିଥିଲା । ପରେ ପାଇପ ବିଛାଇ ସାରି ସେଗୁଡିକ ଠିକ୍ ଭାବରେ ମାଟି ପକାଇ ନ ପୋତି ଚାଲିଯାଇଥିଲା। ଏଥିସହ ବିଭିନ୍ନ ସ୍ଥାନରେ ନିର୍ମାଣ କରିଥିବା ଭାଲ୍‌ବ ପଏଣ୍ଟ କୁଣ୍ଡଗୁଡିକ ଉପରେ ଢାଙ୍କୁଣି ନ ଢାଙ୍କି ଖୋଲା ଛାଡ଼ିଯାଇଛି। ଫଳରେ ସେହି ବାଟ ଦେଇ ଯାଉଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତା' ଛଡ଼ା ମୁଖ୍ୟ ରାସ୍ତାଗୁଡିକୁ ଖୋଳିବା ପରେ ସେଗୁଡିକୁ କଂକ୍ରିଟ କିମ୍ବା ପିଚୁ ନ କରି ଠିକାସଂସ୍ଥା କେବଳ ମାଟି ଭର୍ତ୍ତିକରି ଚାଲିଯିବା ଫଳରେ ଅଦିନିଆ ବର୍ଷା ଯୋଗୁ ମାଟି ଧୋଇଯାଇ ସେହି ସ୍ଥାନରେ ନାଳ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଏହି ପାଇପ ବିଛା କାମକୁ ଦୀର୍ଘ ୧୦ମାସ ବିତିଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଭାଲ୍‌ଭ ପଏଣ୍ଟଗୁଡିକୁ ଢଙ୍କାଯାଇପାରି ନାହିଁ। ଏ ସମ୍ପର୍କରେ ବିଭାଗୀୟ ଏସ୍‌ଡିଓ ବିଭୁରଞ୍ଜନ ସେଠୀଙ୍କୁ ପଚାରିବାରୁ ସେ କହିଲେ, ଚୁକ୍ତି ଅନୁଯାୟୀ କଂକ୍ରିଟ କାମ ସମ୍ପୃକ୍ତ ଠିକା ସଂସ୍ଥା କରିବା କଥା। ଭାଲ୍‌ବ ପଏଣ୍ଟଗୁଡିକର ଚାମ୍ବର ବନାଇ ଉପରେ ସିମେଣ୍ଟ ପ୍ଲେଟ ପକାଇ ଖୋଲାଯାଇଥିବା ମାଟି ମଧ୍ୟ ସମତଳ କରିବା ଠିକାସଂସ୍ଥାର ଦାୟିତ୍ୱ ବୋଲି ସେ କହିଥିଲେ। ତେବେ ଏନେଇ ସେ ସମ୍ପୃକ୍ତ ଠିକାସଂସ୍ଥାକୁ ପଚାରି ବୁଝିବେ ବୋଲି କହିଛନ୍ତି ।



# ଛାତ୍ରୀଛାତ୍ର ବୁଲିଲେ ବାଲଡା ବନାଞ୍ଚଳ



ବନାଞ୍ଚଳ ବୁଲିଥିବା ଛାତ୍ରୀଛାତ୍ରମାନେ ।

ନନ୍ଦପୁର, ୧୦।୧୨(ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଡୁଆ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଧନ୍ଦାମୂଳକ ଶିକ୍ଷା, କୃଷି ଓ ପ୍ଲମ୍ବର୍ ବିଭାଗର ଛାତ୍ରୀଛାତ୍ର ମାନେ ବାଲଡା ବନାଞ୍ଚଳ ପରିଦର୍ଶନ କରିଛନ୍ତି। ବନାଞ୍ଚଳ ପକ୍ଷରୁ ପ୍ରସ୍ତୁତ ନର୍ସରୀରେ ମଞ୍ଜିରୁ ଚାରା ପ୍ରସ୍ତୁତ ଓ ବୃକ୍ଷ ରୋପଣ ସମ୍ପର୍କରେ କୃଷି ବିଭାଗ ଛାତ୍ରୀଛାତ୍ରମାନଙ୍କୁ କର୍ମଚାରୀମାନେ ଅବଗତ କରାଇଥିଲେ। ସେହିଭଳି ପ୍ଲମ୍ବର ବିଭାଗର ଛାତ୍ରୀଛାତ୍ରଙ୍କୁ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କେନ୍ଦ୍ରକୁ ନିଆଯାଇ ସେଠାରେ ଉପସ୍ଥିତ କର୍ମଚାରୀମାନେ ଛାତ୍ରୀଛାତ୍ରଙ୍କୁ ନିଜ ନିଜ କାର୍ଯ୍ୟ କୌଶଳ ପ୍ରଦର୍ଶନ କରିଥିଲେ। ଏହି ପରିଦର୍ଶନ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ଗୌରୀମଣି ଦାସ, ରାଜା ମହାନ୍ତି, ଜଗତମୟୀ ଦେବତା ପରିଚାଳନା କରିଥିଲେ।

# ପଥପ୍ରାନ୍ତ ନାଟକରେ ଜନ ସଚେତନତା

ଜୟପୁର,୧୦।୧୨(ପବନ ପାଣିଗ୍ରାହୀ)

ପୋଷଣ ଅଭିଯାନରେ ଜନସଚେତନତା ସୃଷ୍ଟି କରିବା ଲାଗି ଜୟପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ତିନିଦିନ ଧରି ପଥପ୍ରାନ୍ତ ନାଟକ ପରିବେଷଣ ହୋଇଛି। ଦଶମନ୍ତପୁର ବ୍ଲକ ଜାନି ଡୁଡୁଙ୍ଗା ଗ୍ରାମର ନାଟକ ଦଳ କୁମର ଜାନିଙ୍କ ନେତୃତ୍ୱରେ ପଥପ୍ରାନ୍ତ ନାଟକ ପରିବେଷଣ କରୁଥିଲା। ଏହି କାର୍ଯ୍ୟକ୍ରମରେ ବାଲ୍ୟବିବାହ ବର୍ଜନ କରିବା, କନ୍ୟା ସନ୍ତାନ ଲାଳନ ପାଳନରେ ପରିବାରର ଭୂମିକା, ମମତା ଯୋଜନାରେ ସହାୟତା, ଅଙ୍ଗନୱାଡ଼ି କେନ୍ଦ୍ରରରେ ମିଳୁଥିବା ସୁବିଧା ସୁଯୋଗ, ସ୍ତନ୍ୟପାନ ର ଉପଯୋଗିତା, ଜନ୍ମ ମୃତ୍ୟୁର ପଞ୍ଜୀକରଣ, ମାଣ୍ଡିଆର ଉପଯୋଗ, ଶିକ୍ଷା ସ୍ୱାସ୍ଥ୍ୟସେବା ଭଳି ବିଷୟରେ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି। ମଙ୍ଗଳ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ୮ ତାରିଖରୁ ଆରମ୍ଭ ହୋଇଥିଲା। ରବିବାର ଏହା ଉଦଯାପିତ ହୋଇଛି। ଈଶ୍ୱର ନାଗ, ସୁଜିତ୍ ନାଗ, ଛବିମଣି ହରିଜନ, ଦୁର୍ଗାଦାନ, କିଶୋର ମହୁରିଆ, କାଜଲ ହରିଜନ, ଦଇମତି ହରିଜନ ଅଂଶଗ୍ରହଣ କରିଥିଲେ।

**ପୋଷଣ ଅଭିଯାନ**



କଳାକାରମାନେ ପଥପ୍ରାନ୍ତ ନାଟକ ପରିବେଷଣ କରୁଛନ୍ତି।

# ତରୁଣପ୍ରଜ୍ଞା ଭାରତୀ ପକ୍ଷରୁ ପର୍ବତାରୋହଣ ପ୍ରତିଯୋଗିତା



ପର୍ବତାରୋହଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବ୍ୟକ୍ତି, ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଜୟପୁର, ୧୦।୧୨(ପବନ ପାଣିଗ୍ରାହୀ)

ତରୁଣ ପ୍ରଜ୍ଞା ଭାରତୀ ଅନୁଷ୍ଠାନ ପକ୍ଷରୁ ପର୍ବତାରୋହଣ କାର୍ଯ୍ୟକ୍ରମ ଜୟପୁର ପୁରୁଣାଗଡ଼ସ୍ଥିତ ନାକଟିଡଙ୍ଗର ପାହାଡ଼ରେ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଜୟପୁର ସହରର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଶତାଧିକ ଛାତ୍ରୀଛାତ୍ର ଏବଂ ସାଧାରଣ ଲୋକେ ଅଂଶଗ୍ରହଣ କରି ପର୍ବତାରୋହଣ କରିଥିଲେ। ଅନୁଷ୍ଠାନର ସଭାପତି ଲକ୍ଷ୍ମୀକାନ୍ତ ମିଶ୍ର, ଉପସଭାପତି ରାମ ଶଙ୍କର ଷଡଙ୍ଗୀ, ସମ୍ପାଦକ ଯଜ୍ଞେଶ୍ୱର ପଣ୍ଡା, ରବୀନ୍ଦ୍ର ମହାରଣା, ହେମନ୍ତ ଚନ୍ଦ, ତିରୁପତି ପାତ୍ର, ସବିତା ତ୍ରିପାଠୀ, ଲିପିକା ଦଳେଇ, ମାମିନୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃଷ୍ଣ କେଶବ ଷଡଙ୍ଗୀ, ଡାକ୍ତର ମନୋଜ ବିଶ୍ୱାଳ, ଅଶୋକ ବିଶ୍ୱାଳ, ଅଶୋକ ପଲେଇ, ରାଜେନ୍ଦ୍ର ସାହୁ ସହଯୋଗ କରିଥିଲେ। ଆସନ୍ତା ୧୭ରେ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଜଣାପଡିଛି।

# ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ବାର୍ଷିକ ସମ୍ମିଳନୀ

କୋରାପୁଟ,୧୦।୧୨(ଅମିତାଭ ବେହେରା )

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ ଓଡିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ କୋରାପୁଟ ଜିଲା ଶାଖାର ୨୨ତମ ତ୍ରୟବାର୍ଷିକ ସମ୍ମିଳନୀ ଓ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶାଖା ସଭାପତି ଦେବ ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା ସମ୍ମିଳନୀରେ ରାଜ୍ୟ ସମ୍ପାଦକ ଏମ୍ ଜାଭେଦ ଅକ୍ତର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଜିଲା ସମ୍ପାଦକ ରମେଶ ନାୟକ ବିବରଣୀ ପାଠ କରିଥିଲେ। ଜିଲାର ୧୦୬ଟି ରାଜସ୍ୱ ମଣ୍ଡଳରେ ୧୨ ଜଣ ରାଜସ୍ୱ ପରିଦର୍ଶକ, ୭୯ ଜଣ ରାଜସ୍ୱ ନିରୀକ୍ଷକ ଓ ୭୩ ଜଣ ସହକାରୀ ରାଜସ୍ୱ ନିରୀକ୍ଷକ କାର୍ଯ୍ୟ କରୁଛନ୍ତି। ଅନେକ ପଦବୀ ଖାଲି ରହିଥିବାରୁ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ନାୟକ ବିବରଣୀ ଉପସ୍ଥାପନା ଅବସରରେ ପ୍ରକାଶ କରିଥିଲେ। ସମସ୍ତ ସହକାରୀ ରାଜସ୍ୱ ନିରୀକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହ ଗ୍ରେଡ ପେ ବୃଦ୍ଧି କରିବା, ରାଜସ୍ୱ ପରିଦର୍ଶକଙ୍କୁ ଅଧିକ କ୍ଷମତା ପ୍ରଦାନ କରିବା, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଗ୍ରୁପ ଡି ପଦବୀ ପୂରଣ କରିବା, ଓଡ଼ିଶା ରାଜସ୍ୱ ସେବା ସଂଶୋଧନ କରି ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ଉପସ୍ଥାନ ଅଧିକ କରିବା ଆଦି ଦାବି ଉପସ୍ଥାପନା କରାଯାଇଥିଲା। ରାଜ୍ୟ ସମୀକ୍ଷକ ଦେବାନନ୍ଦ ବେହେରା, ରାଜ୍ୟ ଉପଦେଷ୍ଟା ହରିହର ନାୟକ, ଉପ ସଭାପତି ଜ୍ଞାନ ରଞ୍ଜନ ବିଶ୍ୱାଳ ଓ ଭେଙ୍କଟରାଓ ନାଇଡୁ, କୋଷାଧ୍ୟକ୍ଷ ରଘୁନାଥ ଖଟାଇ, ସାଙ୍ଗଠନିକ ସମ୍ପାଦକ ଅକ୍ଷୟ କ୍ଷେତ୍ରୀୟ, କାର୍ଯ୍ୟାଳୟ ସମ୍ପାଦକ ଅର୍ଜୁନ ବିଲେଇପାଡ଼ିଆ, ଯୁଗ୍ମ ସମ୍ପାଦକ ସୁରଜ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ଜିଲା ସମୀକ୍ଷକ ଆର.ଏନ.ପ୍ରଭାକର ପରିଚାଳନା କରିଥିଲେ। ଜିଲା ମହିଳା ସମ୍ପାଦିକା କୁମାରୀ ସବିତା ପାତ୍ର ଓ ଜିଲା ମିଡିଆ ସମ୍ପାଦିକା କୁମାରୀ ନିରୁପମା ସାହୁ ସହଯୋଗ କରିଥିଲେ। ସମ୍ମିଳନୀ ଶେଷ ହେବା ପରେ କୋରାପୁଟ ଜିଲା ଶାଖାର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ଭେଙ୍କଟରାଓ ନାଇଡୁ ସଭାପତି, ରମେଶ ନାୟକ ସମ୍ପାଦକ ଏବଂ ସୁରଜ ପଣ୍ଡା କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଗୋଲକ ବିହାରୀ ପରିଡା କହିଛନ୍ତି।




ସମ୍ମିଳନୀରେ ମଞ୍ଚାସୀନ ଅତିଥି ।

# କୋରାପୁଟ ସର୍କଲ ଜେଲରେ ନୃତ୍ୟଗୀତରେ ଖୁସି ମନାଇଲେ ଅନ୍ତେବାସୀ

କୋରାପୁଟ,୧୦।୧୨ (ଅମିତାଭ ବେହେରା)

କୋରାପୁଟ ସର୍କଲ ଜେଲରେ ରବିବାର ଆନ୍ତର୍ଜାତୀୟ ମାନବାଧିକାର ଦିବସ ତଥା ରାଜ୍ୟ କାରାଗାର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। କୋରାପୁଟସ୍ଥିତ ଦୃଷ୍ଟିବାଧିତ ବିଦ୍ୟାଳୟର ପିଲାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନ୍ତେବାସୀ ରଙ୍ଗବତୀ ଗୀତର ତାଳେ ତାଳେ ନାଚି ଖୁସି ମନାଇଥିଲେ। ମହିଳା ଅନ୍ତେବାସୀ ଢେମସା ନୃତ୍ୟ ପରିବେଷଣ କରିଥିଲେ। ଗତ ଏକ ସପ୍ତାହବ୍ୟାପୀ କାରାଗାର ଅନ୍ତେବାସୀଙ୍କ ମଧ୍ୟରେ ଅନୁଷ୍ଠିତ ସଙ୍ଗୀତ ଓ କ୍ରୀଡା ପ୍ରତିଯୋଗିତାର କୃତୀ ବ୍ୟକ୍ତିଙ୍କୁ ଏହି ଅବସରରେ ପୁରଷ୍କୃତ କରାଯାଇଥିଲା। ଅନ୍ୟପକ୍ଷରେ ବିଭିନ୍ନ କାରାଗାରରେ କାର୍ଯ୍ୟରତ କର୍ମଚାରୀଙ୍କ ଉତ୍ତମ ସେବାକୁ ବିଚାରକୁ ନେଇ ସେମାନଙ୍କୁ ଏଠାରେ ସମ୍ମାନିତ କରାଯାଇଥିଲା। କୋରାପୁଟ ସର୍କଲ ଜେଲର କାରାଗାର ମଙ୍ଗଳ ଅଧିକାରୀ ରୁଦ୍ରପ୍ରତାପ ମେହେର, ଉପ ସହକାରୀ ଜେଲର ଦୟାମୟ ମଲ୍ଲିକ ଏବଂ ମହିଳା ୱାର୍ଡନ ରଶ୍ମିରାଣୀ ପଟ୍ଟନାୟକ, ନୂଆପଡା ଉପ କାରାଗାରର ଜେଲର ଦୁର୍ବାଦଳ ମେହେର, ନବରଙ୍ଗପୁର ଉପ କାରାଗାରର ଫାର୍ମାସିଷ୍ଟ ଦେବ ପ୍ରସାଦ ସୁବୁଦ୍ଧି, ଭବାନୀପାଟଣା କାରାଗାରର କାର୍ପେଣ୍ଟାରୀ ପ୍ରଶିକ୍ଷକ ବିରଞ୍ଚି ମହାରଣାଙ୍କୁ ୨୦୨୩ ବର୍ଷ ପାଇଁ କମେଣ୍ଡେସନ ରୋଲ ସମ୍ମାନରେ ସମ୍ମାନିତ କରାଯାଇଛି। କାରାଗାରର ଅନ୍ତେବାସୀଙ୍କ ଗହଣରେ ମଧ୍ୟ ବିଭିନ୍ନ ସ୍ୱେଚ୍ଛାସେବୀଙ୍କୁ ସମ୍ମାନିତ କରାଯାଇଥିବା ଜେଲ ସୁପରଟେଣ୍ଡେଣ୍ଟ ମନୋରଞ୍ଜନ ପ୍ରତିହାରୀ ପ୍ରକାଶ କରିଛନ୍ତି।



କୋରାପୁଟ ଜେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୂଆପଡା ଉପ କାରାଗାରର ଜେଲର ଦୁର୍ବାଦଳ ମେହେରଙ୍କୁ ସମ୍ମାନିତ କରାଯାଉଛି।

**ରାଜ୍ୟ କାରାଗାର ପ୍ରତିଷ୍ଠା ଦିବସ ପାଳିତ**

**ସଂକ୍ଷେପରେ**

## ମାଟ୍ରିକ ଛାତ୍ରୀଛାତ୍ରଙ୍କ କୃତକାର୍ଯ୍ୟ ଲାଗି ରୁଦ୍ରାଭିଷେକ

ଗୁଣପୁର, ୧୦।୧୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଆଗାମୀ ବୋର୍ଡ ତଥା ମାଟ୍ରିକ ପରୀକ୍ଷା ଫଳର ଶୁଭ ମନାସି ତୃକାନୀଗୁଡା ନୀଳକଣ୍ଠେଶର ମନ୍ଦିରରେ ରୁଦ୍ରାଭିଷେକ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଉକ୍ତ ଅଭିଷେକରେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ ପୌରହିତ୍ୟ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ତଥା ପୁରୋହିତ ନରସିଂହନାଥ ଶତପଥୀ ବ୍ରହ୍ମା ଭାବେ ଉପବେସନ କରିଥିଲେ। ଅନୁଷ୍ଠାନର ସଭାପତି ବି. ଗଜପତି ରାଓ, ଉପସଭାପତି ମୋହନ ଚନ୍ଦ୍ର ସାହୁ, ସମ୍ପାଦକ ସୋମନାଥ ଗୌଡ, ଯୁଗ୍ମ ସମ୍ପାଦକ ମୀନକେତନ ପଣ୍ଡା, କୋଷାଧ୍ୟକ୍ଷ ପି ଗୋବିନ୍ଦ ରାଓ ଓ ସଦସ୍ୟା ପ୍ରତିଭା ରଥ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସଙ୍କୁଳ ପ୍ରମୁଖ ଜଗନ୍ନାଥ ପଟ୍ଟନାୟକ ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲା ସଂଘ ଚାଳକ ନନ୍ଦିକେଶ୍ୱର ଚୌଧୁରୀ, ଜିଲା କାର୍ଯ୍ୟବାହୀ ଦିଲ୍ଲୀପ କୁମାର ପଣ୍ଡା ଉପସ୍ଥିତ ରହିଥିଲେ। ମୋଟ ୬୩ ଛାତ୍ରଛାତ୍ରୀଙ୍କ ଅଭିଷେକ ଓ ହୋମ କାର୍ଯ୍ୟ ସମାପନ ହୋଇଥିଲା।

## ୨ ବାଇକ୍ ମୁହାଁମୁହିଁ, ଜଣେ ମୃତ

ଛତ୍ରପୁର ,୧୦।୧୨ (ସନ୍ତୋଷ ପାଢ଼ୀ)

ଚମାଖଣ୍ଡି ଥାନା ଅନ୍ତର୍ଗତ ମାଣ୍ଡିଆପଲ୍ଲୀ ଛକଠାରେ ଶନିବାର ୧୬ ନମ୍ବର ଜାତୀୟ ରାଜପଥରେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଥିଲା ବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ମୃତକ ହେଲେ ନରେନ୍ଦ୍ରପୁର ଗ୍ରାମର ଶିାନନ୍ଦ ନାୟକ(୨୮)। ଶିବାନନ୍ଦ ନିଜର ମୋଟରସାଇକେଲରେ ଛତ୍ରପୁରରୁ ଗ୍ରାମକୁ ଯାଉଥିଲା ବେଳେ ବ୍ରହ୍ମପୁରରୁ ଜଣୈକ ଯୁବକ ବାଇକ ଯୋଗେ ଆସୁଥିଲେ। ଏହି ସମୟରେ ଦୁଇ ବାଇକ ମଧ୍ୟରେ ଧକ୍କା ହୋଇଥିଲା। ଆହତ ଯୁବକଙ୍କ ପରିଚୟ ମିଳିନାହିଁ। ଜଗନ୍ନାଥପୁର ବିଟ ହାଉସ ଅଧିକାରୀ ଏଏସଆଇ ଅରୁଣ କୁମାର ରାଉତ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲ ନେଇଥିଲେ। ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।

## ଓଷ୍ଟା ତରଫରୁ ମେଧାବୃତ୍ତି ପରୀକ୍ଷା

ଚାନ୍ଦିପୁଟ,୧୦।୧୨(କେ.ପ୍ରମୋଦ କୁମାର ଦୋରା)

ଚାନ୍ଦିପୁଟସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲା ସ୍ତରୀୟ ମେଧାବୃତ୍ତି ପରୀକ୍ଷା ବିଦ୍ୟାର୍ଥୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ସର୍ବମୋଟ ୧୧୪ ବିଦ୍ୟାର୍ଥୀ ଯୋଗ ଦେବାକୁ ଥିବାବେଳେ ୧୦୯ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। ଲାଲବାହାଦୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବୁରାଦା ଗୌରୀଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିବା ବେଳେ ଗଜପତି ଜିଲା ଓଷ୍ଟା ସମ୍ପାଦକ ପ୍ରଫୁଲ୍ଲ କୁମାର ମହାନ୍ତି ନିରୀକ୍ଷକ ଭାବେ ଯୋଗ ଦେଇଥିଲେ।

# ଗୁଡାରିରେ ବାଘ ଆତଙ୍କ, ପାଦ ଚିହ୍ନ ଠାବ

ଗୁଡାରି, ୧୦।୧୨ (ପ୍ରମୋଦ କୁମାର ପତି )


ମେରେଣ୍ଡା ନିକଟସ୍ଥ ନଦୀ ବାଲି ଶଯ୍ୟାରେ ପଡ଼ିଥିବା ବାଘ ପାଦଚିହ୍ନ।

ରାୟଗଡା ଜିଲାର ବିଭିନ୍ନ ଅଞ୍ଚଳରେ ଗତ କିଛିଦିନ ହେଲାଣି ଏକ ବାଘ ବୁଲୁଛି। ପୂର୍ବରୁ ମୁନିଗୁଡା ଓ ପଦ୍ମପୁର ରେଞ୍ଜ ଅଞ୍ଚଳରେ ବାଘ ବୁଲୁଥିଲା। ଏବେ ଗୁଡାରି ଜଙ୍ଗଲକୁ ଚାଲିଆସିଛି। ବାଘକୁ କେହି ଦେଖି ନଥିଲେ ହେଁ ବିଭିନ୍ନ ସ୍ଥାନରେ ବାଘ ପାଦଚିହ୍ନ ଠାବ କରାଯାଇଛି। ଗୁଡାରି ବ୍ଲକ୍ ଅନ୍ତର୍ଗତ କଦମା ପଞ୍ଚାୟତର ମେରେଣ୍ଡା ନିକଟସ୍ଥ ନଦୀ ବାଲି ଶଯ୍ୟାରେ ରବିବାର ସକାଳୁ ବନ ବିଭାଗ ଏକ ବାଘର ପାଦଚିହ୍ନ ଠାବ କରିଛି। ସ୍ଥାନୀୟ ରେଞ୍ଜର ଦିଲୀପ କୁମାର ପଟ୍ଟନାୟକଙ୍କ ସୂଚନା ଅନୁଯାୟୀ, ଏକ ବାଘ ମେରେଣ୍ଡା ନିକଟରେ ଯାଇଛି। କିନ୍ତୁ ବର୍ତ୍ତମାନ ଏହାର ସ୍ଥିତି କେଉଁଠି ତାହା ଜଣାପଡ଼ି ନାହିଁ। ବନ ବିଭାଗ ଜଙ୍ଗଲର ବିଭିନ୍ନ ସ୍ଥାନରେ ଲଗାଇଥିବା ଟ୍ରାପ କ୍ୟାମେରାରେଆଜି ପର୍ଯ୍ୟନ୍ତ ବାଘର କୌଣସି ଗତିବିଧି କଏଦ ହୋଇନି। ବାଘ ପାଦ ଚିହ୍ନ ଦେଖିବା ପରେ ବନ ବିଭାଗ ପକ୍ଷରୁ ମେରେଣ୍ଡା ନିକଟବର୍ତ୍ତୀ ଗ୍ରାମଗୁଡିକରେ ଲୋକଙ୍କୁ ସତର୍କ କରାଯାଇଛି। ଗୁଡାରି ଏବଂ ଗଜପତି ଜିଲା ମୋହନା ବନ ବିଭାଗର ୪ ଜଣିଆ ଟିମ ଗାଁ ଗାଁ ବୁଲି ଗ୍ରାମରେ ସଭା କରି ଓ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରୁଛନ୍ତି। ଅନ୍ୟପକ୍ଷରେ ବାଘ ଭୟରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବାଘର ଦେଖା ମିଳୁ ନ ଥିବାରୁ ବନ ବିଭାଗ ଓ ଗାଁ ଲୋକଙ୍କ ଚିନ୍ତା ବଢ଼ିବାରେ ଲାଗିଛି।

# ଅମଲା ସଂଘର ଆନ୍ଦୋଳନ ଚେତାବନୀ



ବୈଠକରେ ଉପସ୍ଥିତ ଅମଲା ସଂଘର କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

ରାୟଗଡ଼ା,୧୦।୧୨(ଆଶିଷ ରଞ୍ଜନ ପଣ୍ଡା)

ଗ୍ରେଡ୍ ପେ' ବୃଦ୍ଧି ଦାବିରେ ଅମଲା ସଂଘ ଆନ୍ଦୋଳନ ପାଇଁ ସଜବାଜ ହେଉଛି। ସ୍ଥାନୀୟ ଅମଲା ପାଠାଗାରଠାରେ ରବିବାର ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ଶାଖାର ଏକ ଜରୁରୀ ବୈଠକ ମଞ୍ଚର ଅଧ୍ୟକ୍ଷ ଅରୁଣ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଜିଲାସ୍ତରୀୟ ଅମଲାଙ୍କ ଏକମାତ୍ର ଦାବି ଗ୍ରେଡ୍ ପେ' ୪ ହଜାର ୨୦୦ ଟଙ୍କା ବିଷୟରେ ସରକାରଙ୍କ ନିକଟରେ ବାରମ୍ବାର ଦାବି ଉପସ୍ଥାପନ ଏବଂ ଆଲୋଚନା କରାଯାଉଥିଲେ ମଧ୍ୟ ସରକାର ଦାବି ପୂରଣ କରିବା ପାଇଁ ଅହେତୁକ ବିଳମ୍ବ କରିଚାଲିଛନ୍ତି। ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରତିଶ୍ରୁତି ଦେବାର ପ୍ରାୟ ୬ ମାସ ବିତିଯାଇଥିଲେ ମଧ୍ୟ ଏ ଦିଗରେ ରାଜ୍ୟ ସରକାର କୌଣସି

**ଦାବି ପୂରଣ ନ ହେଲେ ୨୦ରୁ ସମୂହ ଛୁଟି**

ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଗୃହରେ ଉପସ୍ଥିତ ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅମଲାଙ୍କ ଏକମାତ୍ର ଦାବି କନିଷ୍ଠ ସହାୟକଙ୍କ ମୂଳ ଦରମା ଲେଭଲ ୪ରୁ ଲେଭଲ ୯ ଆସନ୍ତା ୧୯ ତାରିଖ ସୁଦ୍ଧା ପୂରଣ କରା ନ ଗଲେ ରାଜ୍ୟ ସଂଘର ନିଷ୍ପତ୍ତିକୁ ସମ୍ମାନ ଜଣାଇ ଆସନ୍ତା ୨୦ ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ଯିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର ଆବାହକ ଚିତ୍ତରଞ୍ଜନ ମହାପାତ୍ର, ମନୋଜ ରଥ, ଗୋପୀନାଥ ରାଉତ, ସନ୍ତୋଷ ନିମାଲା ପ୍ରମୁଖ ଉପସ୍ଥିତ ଥିଲେ।

# ରେଳ ବିଭାଗର ଉଚ୍ଛେଦକୁ କଂଗ୍ରେସର ବିରୋଧ

ମୁନିଗୁଡ଼ା,୧୦।୧୨(ରାଧେଶ୍ୟାମ ଅଗ୍ରୱାଲ)

ରାୟଗଡ଼ା ଜିଲାର ବ୍ୟବସାୟୀ ନଗରୀ ମୁନିଗୁଡ଼ାରେ ବ୍ୟବସାୟୀଙ୍କୁ ଥଇଥାନ ନ କରି ଜବରଦଖଲ ଉଚ୍ଛେଦ କରାଯାଉଥିବାରୁ ବ୍ଲକ କଂଗ୍ରେସ ତରଫରୁ ବିରୋଧ କରାଯାଇଛି। ବ୍ଲକ୍ କଂଗ୍ରେସ ସଭାପତି ନୀଳାମ୍ବର ବିଭାର ପ୍ରଶାସନର ଏଭଳି ପଦକ୍ଷେପକୁ ନିନ୍ଦା କରିଛନ୍ତି। ରବିବାର ସନ୍ଧ୍ୟାରେ ଏକ ପ୍ରେସ ବିବୃତି ମାଧ୍ୟମରେ ସେ ମୁନିଗୁଡ଼ାରେ ଚାଲିଥିବା ଉଚ୍ଛେଦ ପ୍ରକ୍ରିୟା ସମ୍ପର୍କରେ ନୀଳାମ୍ବର ବିଭାର ପ୍ରତିକ୍ରିୟା ରଖି କହିଥିଲେ ଯେ, ଆମେ ସରକାରଙ୍କ ବିକାଶ କାର୍ଯ୍ୟକୁ ବିରୋଧ କରୁନାହୁଁ, କିନ୍ତୁ ବିକାଶ ନାଁରେ ଯେଉଁଭଳି ଭାବେ ସାଧାରଣ ଲୋକ ଓ ବ୍ୟବସାୟୀଙ୍କୁ ଅତି ଅମାନବୀୟ ଭାବେ ବିନାଶ ପଥକୁ ଠେଲି ଦିଆଯାଉଛି ତାକୁ ନିନ୍ଦା କରାଯାଉଛି। ସେମାନଙ୍କ ୫୦ବର୍ଷର ଜୀବନ ଜୀବିକାକୁ

**ବ୍ୟବସାୟୀଙ୍କୁ ଥଇଥାନ କରିବାକୁ ଦାବି**

ଜିଲାପାଳଙ୍କ ଉପସ୍ଥିତିରେ ଯେପରି ଧ୍ୱଂସ କରାଯାଉଛି କଂଗ୍ରେସ ତାର ନିନ୍ଦା କରୁଛି। ଯଦି ଅଞ୍ଚଳର ବିଧାୟକ ତଥା ମନ୍ତ୍ରୀ ଚାହିଁଥାନ୍ତେ, ତେବେ ବ୍ୟବସାୟୀମାନେ ଉଚ୍ଛେଦର ଶିକାର ହୋଇ ନ ଥାନ୍ତେ ବୋଲି ସେ କହିଛନ୍ତି। ଏହି ଅସମୟରେ କଂଗ୍ରେସ ଏମ୍‌ପିଙ୍କ ଭୂମିକା ବିଷୟରେ ପଚାରିବାରୁ, ଏବେ ସେ ଶୀତକାଳୀନ ଅଧିବେଶନ କାରଣରୁ ଦିଲ୍ଲୀରେ ଅଛନ୍ତି। ସେ ରେଳ ମନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାଇଥିଲେ।

ପ୍ରକାଶ ଥାଉକି, ପାଖାପାଖି ୧୫୦ ବ୍ୟବସାୟୀ ପ୍ରତିଷ୍ଠାନ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ପୁରୁଣା ହନୁମାନ ମନ୍ଦିରଠାରୁ ସାଇନ ହୋଟେଲ ପର୍ଯ୍ୟନ୍ତ ୩୭ଟି ଦୋକାନ ରେଳ ବିଭାଗ ତରଫରୁ ଭାଙ୍ଗି ଦିଆଯାଇଥିଲା। ଅବଶିଷ୍ଟ ଦୋକାନଗୁଡ଼ିକୁ ଆସନ୍ତା ୩୧ତାରିଖରେ ଉଚ୍ଛେଦ କରିବାକୁ ଘୋଷଣା କରାଯାଇଛି। ଆଗାମୀ ଉଚ୍ଛେଦ ପୂର୍ବରୁ ସମସ୍ତ ବ୍ୟବସାୟୀଙ୍କୁ ଥଇଥାନ କରିବା ପାଇଁ ପ୍ରଶାସନକୁ କୁହାଯାଇଛି। ଯଦି ପ୍ରଶାସନ କିଛି ପଦକ୍ଷେପ ନ ନିଏ, ତେବେ କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ବାଧ୍ୟ ହେବ ବୋଲି ସଭାପତି ବିଭାର ଚେତାବନୀ ଦେଇଛନ୍ତି। ସଭାପତି ପ୍ରେସ ବିବୃତି ଦେବା ସମୟରେ ମୁନିଗୁଡ଼ା ସରପଞ୍ଚ ସରସ୍ୱତୀ ଶବର, ବରିଷ୍ଠ କଂଗ୍ରେସ ନେତା ଚନ୍ଦ୍ରଶେଖର କୁଷୁଲିଆ, ରମେଶ ଚନ୍ଦ୍ର ପାଲାକା, ରଜନୀ ପୋଡ଼ାଲ, ଚିତ୍ତ ମାଳିନୀ, ନାରାୟଣ ନାଗ, ସୁରେଶ କୁଶୁଲିଆ, ଦୁର୍ବାଦଳ କାଟା, ସୁବଳ ନାଗ, ଆନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି, ୧୦।୧୨ (ଗିରିଧାରୀ ପରିଛା)

ଗଜପତି ଜିଲା ଗୋଷାଣି ବ୍ଲକ ବଡଗୋଷାଣି ପଞ୍ଚାୟତ ଅନ୍ତର୍ଗତ ଜଙ୍ଗଲପାଡୁ ଗ୍ରାମରେ ରବିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସନ୍ତୋଷ ସାମଲ(୩୭)ଙ୍କ ମୃତ୍ୟୁ ଘଟିଛି। ସନ୍ତୋଷ ସକାଳେ ବିଲକୁ ଯିବା ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର, ଏସ୍‌ଆଇ ବଳରାମ ବେହେରା ଏବଂ ପୋଲିସ ଦଳ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ବିଜ୍ଞାନ ବିଭାଗ ପକ୍ଷରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ରାମଗିରି,୧୦।୧୨(ବୃନ୍ଦାବନ ଗୌଡ଼)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ରାମଗିରି ଗ୍ରାମପଞ୍ଚାୟତସ୍ଥିତ ସରକାରୀ (ଏସ୍‌ଏସ୍‌ଡି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଜ୍ଞାନ ବିଭାଗ ତରଫରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଚାରିଦିନ ଧରି କ୍ରୀଡା ପ୍ରତିଯୋଗିତା, ସଫେଇ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୋଡାଲ ଅଫିସର ତଥା ବିଜ୍ଞାନ ବିଭାଗ ଭାରପ୍ରାପ୍ତ ଅଧ୍ୟକ୍ଷ ଭି. ଗିରିବାବୁଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆର.ଉଦୟଗିରି ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ମୁଖ୍ୟବକ୍ତା ଭାବେ ଗଜପତି ଏଡିଏମ (ରେଭିନ୍ୟୁ) ବୀରେନ୍ଦ୍ର କୁମାର ଦାସ, ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ତାପସ କୁମାର ରଇତ, ରାମଗିରି ଥାନା ଭାରପ୍ରାପ୍ତ ଅଧିକାରୀ ଲୋକନାଥ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ।

## ଯୁବକଙ୍କ ଆକ୍ରମଣରେ ବୃଦ୍ଧା ଗୁରୁତର

ଆସିକା,୧୦।୧୨ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଥାନା ଅନ୍ତର୍ଗତ ମାମୁଡିହ ଗ୍ରାମରେ ରବିବାର ଅପରାହ୍ନରେ ଜଣେ ଯୁବକଙ୍କ ଆକ୍ରମଣରେ କୁନ୍ତଳା ନାୟକ (୮୫) ଗୁରୁତର ଆହତ ହୋଇଛନ୍ତି । ଯୁବକଜଣଙ୍କ ପଥରରେ ବୃଦ୍ଧାଙ୍କ ମୁଣ୍ଡ, ଆଖି, କାନ୍ଧକୁ ଆଘାତ ଦେଇଥିଲେ। ଗୁରୁତର ଅବସ୍ଥାରେ ବୃଦ୍ଧାଙ୍କୁ ଗ୍ରାମବାସୀ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇ ଦିଆଯାଇଛି । ବୃଦ୍ଧାଙ୍କ ବଡ ପୁଅ ସାଇବ ନାୟକ ଆସିକା ଥାନାରେ ଅଭିଯୋଗ କରିଛନ୍ତି। ବୃଦ୍ଧା ଜଣକ ଶୋଇଥିଲା ବେଳେ ଯୁବକ ଜଣକ ଘରେ ପଶି ଅଶଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ବୃଦ୍ଧା ଏହାର ପ୍ରତିବାଦ କରିବାରୁ ଯୁବକ ଜଣଙ୍କ ଘର ବାହାରେ ପଡିଥିବା ଏକ ପଥର ଆଣି ତାଙ୍କ ମୁଣ୍ଡକୁ ଛେଚିଦେଇଥିଲେ। ପୋଲିସ ଅଭିଯୁକ୍ତ ଯୁବକଙ୍କୁ କାବୁ କରି ଥାନାକୁ ଆଣିଥିବା ଜଣାପଡିଛି ।

## ଚୋରି ହୋଇଥିବା ସ୍ଥାନରେ ଗାଡ଼ି ରଖି ଦୁର୍ବୃତ୍ତ ଚମ୍ପଟ

ରାୟଗଡ଼ା,୧୦।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାସ୍ଥିତ ସିଆର୍‌ପିଏଫ କ୍ୟାମ୍ପ ନିକଟରେ ଜଣେ ଖବରଦାତାଙ୍କ ଘର ସମ୍ମୁଖରୁ ଆଉ ଜଣେ ଖବରଦାତା ବିଜୟ କୁମାର ଦାସଙ୍କ ବାଇକ ଚୋରି ହୋଇଥିଲା। ଚୋରି ଘଟଣାର ୨୪ ଘଣ୍ଟା ନ ପୂରୁଣୁ ରବିବାର ଭୋର ସମୟରେ ଦୁର୍ବୃତ୍ତ ପୁଣି ସେହି ସ୍ଥାନରେ ଚୋରି ବାଇକ୍ ରଖି ଫେରାର ହୋଇଯାଇଥିବା ଜଣାପଡ଼ିଛି।

ପ୍ରକାଶ ଥାଉକି, ଶନିବାର ଦ୍ୱିପ୍ରହର ପ୍ରାୟ ୨.୩୦ରେ ଖବରଦାତା ବିଜୟ ଦାସ ନେହେରୁ ନଗରସ୍ଥିତ ସିଆରପିଏଫ କ୍ୟାମ୍ପ ନିକଟରେ ଥିବା ଆଉ ଜଣେ ଖବରଦାତାଙ୍କ ଘରକୁ ଯାଇଥିଲେ । ଘର ସମ୍ମୁଖରେ ବାଇକ ନମ୍ବର (ଓଡି-୧୮-ଇ-୮୮୪୮) ରଖି ବିଜୟ ତାଙ୍କ ଘରକୁ ଯାଇଥିଲେ। ତେବେ କାମ ସାରି ୩.୩୦ରେ ଫେରିବା ବେଳେ ତାଙ୍କ ବାଇକ ସେଠାରେ ନ ଥିବା ଦେଖି ସିସି ଟିଭି ଫୁଟେଜ ଯାଞ୍ଚ କରିଥିଲେ । ସିସି ଟିଭି କ୍ୟାମେରାରେ ବାଇକ୍ ଚୋରି

**ମିଳିଲା ଖବରଦାତାଙ୍କ ଚୋରି ବାଇକ୍**

ଦୃଶ୍ୟକୁ ଦେଖି ରାୟଗଡ଼ା ସହରର ସମସ୍ତ ଖବରଦାତା ମିଳିତ ଭାବେ ଖୋଜାଖୋଜି କରିଥିଲେ। ତେବେ ଖବରଦାତା ବିଜୟ କୁମାର ଦାସ ଓ ନୀତିନ ଚୌଧୁରୀ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବାଇକକୁ ଖୋଜିବା ସମୟରେ ବାଇକ୍ ଚୋରି ସମ୍ପର୍କରେ ସୁରାକ୍ ପାଇଥିଲେ। ମିଳିଥିବା ସୁରାକ୍‌କୁ ଆଧାର କରି ରାତି ତମାମ ଖୋଜା ଚାଲିଥିଲା। ଦୁର୍ବୃତ୍ତ ଧରା ପଡ଼ିଯିବା ଭୟରେ ରବିବାର ଭୋର ୪ଟାରେ ଚୋରି ହୋଇଥିବା ସ୍ଥାନରେ ବାଇକ ଛାଡି ଫେରାର ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ବେଳେ ଖବରଦାତାମାନଙ୍କ ମିଳିତ ଉଦ୍ୟମରେ ଚୋର ଗାଡି ଛାଡି ଦେଇଛି। ଏ ସମ୍ପର୍କରେ ଆଇଆଇସି କହଁର କହିଛନ୍ତି ଯେ, ଚୋରର ପରିଚୟ ମିଳିସାରିଛି। ଖୁବଶୀଘ୍ର ତାକୁ ଗିରଫ କରାଯିବ।

# ଛତୁଚାଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଗୁଣପୁର,୧୦।୧୨
(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ରବିବାର ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଷ୍ୟଗ୍ରାମ ବନ୍ଧୁଗୁଡ଼ାଠାରେ ସ୍ୱେଚ୍ଛାସେବୀମାନେ ଗ୍ରାମ ପରିସର ସଫେଇ ସହ ପ୍ଲାଷ୍ଟିକମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ସଚେତନ କରାଇଥିଲେ। ଅନୁଷ୍ଠାନର କୃଷି ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ଡିନ ଅଶୋକ କୁମାର ମିଶ୍ର ଯୋଗଦେଇ ଗ୍ରାମର ମହିଳା ସଂଘର ସଦସ୍ୟାଙ୍କୁ ଛତୁଚାଷ ବିଷୟରେ ବୁଝାଇଥିଲେ। ଏଥିସହ ଏହାର ପ୍ରଣାଳୀ ଲାଗି ଆବଶ୍ୟକୀୟ ନଡ଼ା ସଂଗ୍ରହ କରିବା ପାଇଁ ଧାନ ବିଲକୁ ଯାଇ ସେଠାରେ ଉଦାହରଣ ଦେଇ କହିଥିଲେ। ସଂଘର ସଦସ୍ୟାଙ୍କୁ ଅଧିକରୁ ଅଧିକ ପ୍ରଶିକ୍ଷଣ ପାଇଁ ବିଶ୍ୱବିଦ୍ୟାଳୟର ପରିସରରେ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି କହିଥିଲେ।ଏହି ଶିବିରରେ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ. ପ୍ରେମାଂଶୁ ଶେଖର ରଥ, ଅଧ୍ୟାପକ ବାଣୀ ପ୍ରସାଦ ନାୟକ, ପ୍ରମୋଦ ପଣ୍ଡା, ଗୋପାଳ କୃଷ୍ଣ ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ପରିବାର ପ୍ରବୋଧନ କାର୍ଯ୍ୟକ୍ରମ

ଗୁଣପୁର, ୧୦।୧୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ପରିବାର ପ୍ରବୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମାତାପିତା, ପରିଚାଳନା ସମିତି ଓ ଗୁରୁଜୀ ଗୁରୁମାଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଶିଶୁମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଆଦର୍ଶ ଚାଷୀ ତଥା ଅଭିଭାବକ ସରୋଜ କୁମାର ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ଜଣେ ଆଦର୍ଶ ଶିକ୍ଷକ ତଥା ରାୟଗଡ଼ା ଜିଲା (ଶିକ୍ଷା ବିକାଶ ସମିତି) ସହ ପ୍ରମୁଖ କୃଷ୍ଣପ୍ରସାଦ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ସଂସ୍କୃତି ଓ ସଂସ୍କାର ଆଧାରିତ ଆଦର୍ଶ ପରିବାର, ଯାହା ବିଶ୍ୱରେ ଅଦ୍ୱିତୀୟ ସେ ବିଷୟରେ ମାର୍ଗଦର୍ଶନ କରିଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ଶତପଥୀ ଉଦ୍ଦେଶ୍ୟ ପ୍ରତିପାଦନ କରିଥିଲେ। ଆଚାର୍ଯ୍ୟା ସଞ୍ଜୁକ୍ତା ନାୟକ ସଂଯୋଜନା କରିଥିବାବେଳେ ଆଚାର୍ଯ୍ୟା ମମତା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ବି. ଗଜପତି ରାଓ, ଉପସଭାପତି ମୋହନ ଚନ୍ଦ୍ର ସାହୁ, ସମ୍ପାଦକ ସୋମନାଥ ଗୌଡ଼, କୋଷାଧ୍ୟକ୍ଷ ପି. ଗୋବିନ୍ଦ ରାଓ ଓ ସଦସ୍ୟା ପ୍ରତିଭା ରଥ ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଭିଭାବକ।

# ମଣିଷର ଆବେଗକୁ ବଞ୍ଚାଇ ରଖେ ସାହିତ୍ୟ

ରାୟଗଡ଼ା,୧୦।୧୨(ଆଶିଷ ରଞ୍ଜନ ପଣ୍ଡା)

- ରାୟଗଡ଼ା ସାହିତ୍ୟ ମହୋତ୍ସବ
- ପ୍ରଥମ ରାୟଗଡ଼ା ସାହିତ୍ୟ ସମ୍ମାନରେ ଡ.ଗୌରହରି ଦାସ ସମ୍ମାନିତ

ରାୟଗଡ଼ାସ୍ଥିତ ଯୁଜିଏମଆଇଟି ସଭାଗୃହରେ ରବିବାର ରାୟଗଡ଼ା ସାହିତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଛି। ମହୋତ୍ସବ କମିଟି ଅଧ୍ୟକ୍ଷ ତଥା କବି ଡ.ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ, ଗାଳ୍ପିକ ତଥା ଲେଖକ ଡ.ଗୌରହରି ଦାସ ଯୋଗଦେଇ ସାହିତ୍ୟ ଅନ୍ଧାରକୁ ଆଲୋକିତ କରେ । ମଣିଷର ଆବେଗକୁ ବଞ୍ଚାଇ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କବି ତଥା ବିଡିଏର ମୁଖ୍ୟ ଅର୍ଥ ପ୍ରବନ୍ଧକ ଲାବଣ୍ୟ ଶବର, କବି ତଥା ଅନୁବାଦକ ଆଶୁତୋଷ ପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଗୌରହରିଙ୍କୁ ପ୍ରଥମ ରାୟଗଡା ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା।


ଗୌରହରି ଦାସଙ୍କୁ ପ୍ରଥମ ରାୟଗଡା ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଉଛି।

କାର୍ଯ୍ୟକ୍ରମ ଆରମ୍ଭରେ ସମ୍ପାଦକ ସୁଶାନ୍ତ ନାୟକ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ସେହିଭଳି ସଭାପତି ଡ. ମହାନ୍ତି ନିଜ ବକ୍ତବ୍ୟରେ ଅନେକ ବର୍ଷ ପରେ ଏହି ମହୋତ୍ସବ ମାଧ୍ୟମରେ ରାୟଗଡା ମାଟିରେ ସାହିତ୍ୟ ପୁନଃ କ୍ରିୟାଶୀଳ ହୋଇପାରିଥିବାରୁ ଆଗାମୀ ବର୍ଷରେ ଏହିଭଳି ଆୟୋଜନ ପାଇଁ ସହଯୋଗ କାମନା କରିଥିଲେ। ଏହି ପରିପ୍ରେକ୍ଷୀରେ ଉତ୍ସବର ସ୍ମରଣିକା ଶବ୍ଦରାଗ ସମେତ ଗାଳ୍ପିକ ରବି ପଣ୍ଡା, ଗୋଲକ ଚନ୍ଦ୍ର ଦଳେଇ, ଶ୍ରୀରଙ୍ଗ ନାୟକଙ୍କ ଦ୍ୱାରା ଲିଖିତ ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗାଳ୍ପିକ ନାରାୟଣ ପଣ୍ଡା, ରାଜୀବ ଷଡଙ୍ଗୀ, ବିଜୟ କୁମାର ପ୍ରଧାନ, ରମେଶ ମିଶ୍ର, ଦୁର୍ଗା ଶତପଥୀ, ପ୍ରଣତି ପାତ୍ର, ଶୁଭ୍ରା ପଣ୍ଡା, ରାଜେଶ ପାଢୀ, ଗୋବିନ୍ଦ ରଥ, କୃଷ୍ଣପ୍ରିୟା ସାହାଣୀ, ରାମ ପ୍ରସାଦ ବିଷୋୟୀ, ଗୋଲକ ଚନ୍ଦ୍ର ଦଳେଇ, ଲୋକନାଥ ରାଉତ, କଲ୍ୟାଣୀ ସାସମଲ, ସସ୍ମିତା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

ଉପଦେଷ୍ଟା କୀର୍ତ୍ତିଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଦ୍ୱିତୀୟ ଅଧିବେଶନରେ ଗଳ୍ପ ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଗାଳ୍ପିକ ରବି ପଣ୍ଡା, ମୁଖ୍ୟବକ୍ତା ଭାବେ ସଦାନନ୍ଦ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଲାବଣ୍ୟ ପଟ୍ଟନାୟକ ଯୋଗ ଦେଇଥିଲେ। ଏଥିରେ ବିମଳା ଶଙ୍କର ଦାସ, ପ୍ରଣବକଲ୍ପ ପଟ୍ଟନାୟକ, ଶିବ ସୁନ୍ଦର ପାଣିଗ୍ରାହୀ, ବିମଳ ଚାନ୍ଦ ପଟ୍ଟନାୟକ ଓ ରାଜଲକ୍ଷ୍ମୀ ଦେବୀ ନିଜର ସ୍ୱରଚିତ ଗଳ୍ପ ପଠନ କରିଥିଲେ। ଏହି ଉତ୍ସବରେ ବିପିନ ବିହାରୀ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରମେଶ ଟାକ୍ରି ଧନ୍ୟବାଦ ଅର୍ପଣ କରିଥିଲେ।

ଉତ୍ସବର ତୃତୀୟ ଅଧିବେଶନରେ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କବି ଜୟଦେବ ସିଠଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଅଧିବେଶନରେ ବିଶିଷ୍ଟ କବିୟତ୍ରୀ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡିଆ ଭାଷା ପରିଷଦ ସଦସ୍ୟା ଡ.ପ୍ରିତିଧାରା ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଶିଷ୍ଟ କବି ରବି ଶତପଥୀ ଓ କବି ଚକ୍ରପାଣି ପରିଛା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କବି ଦେବେନ୍ଦ୍ର କୁମାର ବାଉରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର କୋଷାଧ୍ୟକ୍ଷ ରବି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଶତାଧିକ କବି ଓ କବିୟତ୍ରୀ ନିଜର ସ୍ୱରଚିତ କବିତା ପାଠ କରିଥିଲେ। କବିତାଗୁଡିକକୁ ସଂଯୋଜନା କରିଥିଲେ ବିଦିସା ଶତପଥୀ, ବେବିରାଣୀ ନନ୍ଦ, ନିରଞ୍ଜନ ନାୟକ, ପ୍ରଫୁଲ ପାଢୀ, ହୃଷିକେଷ ଜାଲି, ଶ୍ରୀଧର ପଟ୍ଟନାୟକ ଓ ଉତ୍ତମ ଦାସ। ଏହି କାର୍ଯ୍ୟକ୍ରମରେ କଟକ, ଭୁବନେଶ୍ୱର, ସାଲେପୁର, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ସମେତ ଓଡ଼ିଶାର ବହୁ ସାହିତ୍ୟିକ ଓ ଗାଳ୍ପିକମାନେ ଯୋଗଦେଇଥିଲେ ।

## ସଂକ୍ଷେପରେ

### ଆମ ଓଡିଶା ନବୀନ ଓଡିଶା ସଂଯୋଜକଙ୍କୁ ଦଳୀୟ କର୍ମୀଙ୍କ ଶୁଭେଚ୍ଛା



ମାଲକାନଗିରି, ୧୦।୧୨ (ଦୁର୍ଯ୍ୟୋଧନ ପାତ୍ର)

ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ମାଲକାନଗିରି ଜିଲାରୁ ଚିତ୍ତ ପଟ୍ଟନାୟକଙ୍କୁ ସଂଯୋଜକ ଭାବେ ଚୟନ କରାଯାଇଛି। ପଟ୍ଟନାୟକଙ୍କୁ ଜିଲା ବିଜେଡି ନେତା ଓ କର୍ମୀମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଜିଲାରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଲୋକଙ୍କ ପାଇଁ ଲାଭଦାୟକ ହେବ ବୋଲି ଆଶା କରାଯାଉଥିବା ବେଳେ ପଟ୍ଟନାୟକ ଏହାର ସୁପରିଚାଳନା ତଦାରଖ କରିବେ।

### ଏକ୍ସ କ୍ୟାଡର ଶିକ୍ଷକ ସଂଘ ଜିଲା ସଭାପତିଙ୍କ ଇସ୍ତଫା

କୁନ୍ଦୁରା, ୧୦।୧୨ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ଏକ୍ସ କ୍ୟାଡର ଶିକ୍ଷକ ଭାବେ କାର୍ଯ୍ୟରତ ସନାତନ ବିଶୋୟୀ ଏକ୍ସ କ୍ୟାଡର ଶିକ୍ଷକ ସଂଘର ଜିଲା ସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ସେ ରାଜ୍ୟ ସଭାପତି ଏବଂ ଜିଲା ସମ୍ପାଦକଙ୍କ ନିକଟକୁ ନିଜ ଇସ୍ତଫାପତ୍ର ପଠାଇ ଦେଇଛନ୍ତି। ଏଥିରେ ବ୍ୟକ୍ତିଗତ ଏବଂ ପାରିବାରିକ ସମସ୍ୟା ଯୋଗ ସେ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି। ରାଜ୍ୟ ସଭାପତି ଏହାକୁ ଗ୍ରହଣ କରି ନ ଥିବା ବେଳେ ଜିଲା ସମ୍ପାଦକ ଏହାକୁ ଗ୍ରହଣ କରିଥିବା ବିଶୋୟୀ କହିଛନ୍ତି। ସେ ଦୀର୍ଘବର୍ଷ ଧରି ଜିଲା ଏବଂ ବ୍ଲକ ସ୍ତରରେ ଶିକ୍ଷକ ନେତା ଭାବେ କାର୍ଯ୍ୟ କରୁଥିଲେ।

### ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟସେବା ଶିବିର

ନନ୍ଦପୁର, ୧୦।୧୨ (ଶଙ୍କର ପୂଜାରୀ)

ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ନୂତନ ଉନ୍ନତ ଅଭିଳାଷ-ଓଡ଼ିଶା (ନୂଆ-ଓ)ପକ୍ଷରୁ ଏକ ସ୍ୱାସ୍ଥ୍ୟସେବା ଶିବିର ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅମର ମହାପାତ୍ର ଶିବିର ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କ ସୁସ୍ଥ ଜୀବନଯାପନ ସମ୍ପର୍କରେ ମତ ରଖିଥିଲେ। ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରୀ ଟିମ୍ ଶିବିରରେ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ କର୍ମଚାରୀଙ୍କ ସହ ସ୍ଥାନୀୟ ଅଞ୍ଚଳର ଅନେକ ଜନସାଧାରଣ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଡା. ବିଶ୍ୱନାଥ ସାହୁ, ଫାର୍ମାସିଷ୍ଟ ବିଶ୍ୱଜିତ ଲେଙ୍କା, ଏଏନ୍‌ଏମ୍ କଳ୍ପନା ମଞ୍ଜରୀ ସାହୁ ଉପସ୍ଥିତ ଥିଲେ।

# ମାଓବାଦୀ ଆକ୍ରମଣରେ ଶିକାର ଲୋକଙ୍କ ଜମି ଜବରଦଖଲ ଅଭିଯୋଗ

ମାଲକାନଗିରି, ୧୦।୧୨ (ଦୁର୍ଯ୍ୟୋଧନ ପାତ୍ର)



ମାଓବାଦୀ ଆକ୍ରମଣରେ ବାପା ଚାଲିଗଲେ। ସବୁ କିଛି ଲୁଟ ପରେ ଘର ଜାଳିଦେଲେ ମାଓବାଦୀମାନେ। ଏହାପରେ ବାପାଙ୍କୁ ହରାଇବା ସହ ନିଜର ଭିଟାମାଟି ଓ ସର୍ବସ୍ୱ ହରାଇ ଜୀବନ ବଞ୍ଚାଇବା ପାଇଁ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଡିହରେ ରହୁଥିବା ବେଳେ କେତେକ ଲୋକେ ବିବାଦ କରିବା ସହ ଧମକ ଦେଉଥିବା ଅଭିଯୋଗ ହୋଇଛି। ନ୍ୟାୟ ଦାବିରେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ପୀଡିତ ପରିବାର।

ସୂଚନା ଅନୁଯାୟୀ, କାଳିମେଳା ଥାନା ଅନ୍ତର୍ଗତ ବାଟନୱାଡା ଗ୍ରାମରେ ୨୦୦୯ରେ ଭୀମା ପଡିଆମିଙ୍କୁ ମାଓବାଦୀମାନେ ପୋଲିସ ସୂଚନା ଦାତା ଅଭିଯୋଗରେ ହତ୍ୟା କରିବା ସହ ତାଙ୍କର ସବୁ ସମ୍ପତ୍ତି ଲୁଟ କରି ପରିବାର ଲୋକଙ୍କୁ ମଧ୍ୟ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ତେବେ ଏହାପରେ ପୋଲିସ ଓ ପ୍ରଶାସନ ଉକ୍ତ ପରିବାରର ସୁରକ୍ଷା ପାଇଁ ତାଙ୍କୁ ମାଲକାନଗିରି ସହର ନିକଟରେ ଥିବା ଏମ୍‌ଭି ୩ରେ ଘର କରି ରହିବା ନିମନ୍ତେ ଏକ ସରକାରୀ ଜାଗା ଦେଇଥିଲେ। ମାଓବାଦୀମାନେ ଭୀମାଙ୍କୁ ହତ୍ୟା କରିଥିବାରୁ ସରକାରୀ ନିୟମାନୁସାରେ ତାଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର ସହାୟତା ପ୍ରଦାନ ପରେ ସେହି ଅର୍ଥରେ ପ୍ରଶାସନ ଦେଇଥିବା ସରକାରୀ ଜାଗାରେ ଭୀମାଙ୍କ ପୁଅ ପଦିଆରାମ ଘର କରି ତାଙ୍କ ପରିବାର ସହ ରହି ଆସୁଥିଲେ। ଗତକିଛି ବର୍ଷ ଧରି ଏମ୍‌ଭି ୪ ଗ୍ରାମର ଏକ ପରିବାରର ଉକ୍ତ ଜମିକୁ ନିଜର କହି ଜବରଦସ୍ତ ସେହି ଜାଗାକୁ ଦଖଲ କରି ୪ ଟି ଘର ତିଆରି କରିଛନ୍ତି। ଗାଳି ଗୁଲଜ ସହ ଉକ୍ତ ଜାଗା ଛାଡି ପଳାଇବାକୁ ଧମକ ଦେଉଥିବା ନେଇ ପଦିଆରାମ ଅଭିଯୋଗ କରିଛନ୍ତି। କିଛିଦିନ ପୂର୍ବେ ପଦିଆରାମ ଘରେ ନ ଥିବା ବେଳେ ତାଙ୍କ ସ୍ତ୍ରୀ ମୁକେ ମାଡକାମୀଙ୍କୁ ମଧ୍ୟ ସଙ୍ଘବଦ୍ଧ ଆକ୍ରମଣ କରିଥିଲେ। ଫଳରେ ମୁକେଙ୍କ ମୁଣ୍ଡ ଫାଟି ଯାଇଥିଲା। ଏହା ଜାଣିବା ପରେ ପଦିଆରାମ ମାଲକାନଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରି ନ୍ୟାୟ ପ୍ରଦାନ ପାଇଁ ଉପ ଜିଲାପାଳ ଓ ତହସିଲଦାରଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।

# ଚାଷୀ ସଚେତନତା କାର୍ଯ୍ୟକ୍ରମ




ଅତିଥିମାନେ ଚାଷୀଙ୍କୁ ସଚେତନ କରୁଛନ୍ତି।

ପଡ଼ିଆ, ୧୦।୧୨ (ଭାସ୍କର ରାଓ)

ମାଲକାନଗିରି ପଡ଼ିଆ ପଞ୍ଚାୟତ ସମିତି ସଭାଗୃହରେ ଆର୍‌ଏମ୍‌ସି ସୁପରଭାଇଜର ରାଜକାନ୍ତ ଦାସଙ୍କ ନେତୃତ୍ୱରେ ଚାଷୀଙ୍କୁ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଡିଓ ଅଭିମନ୍ୟୁ କବି ଶତପଥୀ ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ଲ୍ୟାମ୍ପ ଏମ୍‌ଡି ଟି. ରାଜେନ୍ଦ୍ର ପ୍ରସାଦ, ଏମ୍‌ପି ପ୍ରତିନିଧି ସି ହେଚ ରବିଟ କୁମାର, ଯୋଗାଣ ଅଧିକାରୀ କୁମୁଦମୟ ଗମାଙ୍ଗ ଯୋଗ ଦେଇଥିଲେ। ଆଗାମୀ ୨୦ତାରିଖରେ ଖରିଫ ଚାଷର ଧାନମଣ୍ଡି ଉଦ୍‌ଘାଟନ ହେବାକୁ ଥିବା ବେଳେ ଏହାକୁ ନେଇ ଚାଷୀଙ୍କୁ ସଚେତନ କରାଯାଇଥିଲା। କିଣିବାକୁ ଆସୁଥିବା ମିଲରମାନେ ଚାଷୀଙ୍କୁ ବସ୍ତା ପାଇଁ ଟଙ୍କା ଦେବେ ନଚେତ୍ ଖାଲି ବସ୍ତା ଫେରାଇବେ, ୫୦ କେଜି ବସ୍ତାର ଓଜନ ୧୦୦ଗ୍ରାମ କାଟିବେ ବୋଲି କୁହାଯାଇଥିଲା। ଅଦିନିଆ ବର୍ଷା ଯୋଗୁ ଖରାପ ହୋଇଥିବା ଧାନକୁ ଚାଷୀଙ୍କଠାରୁ ନେବାକୁ ଚାଷୀମାନେ ଅନୁରୋଧ କରିଥିଲେ। ଚାଷୀଙ୍କ ମଧ୍ୟରେ ୧୨ ଜଣିଆ କମିଟି ଗଠନ କରାଯାଇଛି। ମଣ୍ଡି ଉଦଘାଟନ ଦିନ ୧୨ ସଦସ୍ୟ ଉପସ୍ଥିତ ରହି ଲ୍ୟାମ୍ପସ କିମ୍ବା ଆର୍‌ଏମ୍‌ସି କଥା ହେବେ। ଠିକ୍ ସମୟରେ ଚାଷୀଙ୍କ ଧାନ ଉଠାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବିଭିନ୍ନ ପଞ୍ଚାୟତରୁ ଶତାଧିକ ଚାଷୀ ଯୋଗଦେବା ସହ ସରପଞ୍ଚମାନେ ଯୋଗ ଦେଇଥିଲେ।

# ଲୋକ ନୃତ୍ୟ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମାଲକାନଗିରି, ୧୦।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜଲା ସଂସ୍କୃତି ଭବନରେ ମାଲ୍ୟବନ୍ତ ମହୋତ୍ସବ ପାଇଁ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ବିଶାଲ ସିଂଙ୍କ ତତ୍ତ୍ୱାବଧାନରେ ଲୋକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାବା କହିଥିଲେ, ପାରମ୍ପାରିକ କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଆମ ସମସ୍ତଙ୍କର ଉତ୍ତର ଦାୟିତ୍ୱ ରହିଛି ଏବଂ ଏହାକୁ ପ୍ରଦର୍ଶନ କରିବା ପାଇଁ ଏହା ଏକ ପ୍ରକୃଷ୍ଟ ମଞ୍ଚ। ସେହିପରି ନିଜର ଲୋକ କଳା ଓ ସଂସ୍କୃତିକୁ ବଞ୍ଚାଇବାକୁ ହେଲେ ସମସ୍ତଙ୍କୁ ନିଜର ପାରମ୍ପାରିକ କଳାକୁ ପ୍ରଦର୍ଶନ କରିବାକୁ ପଡ଼ିବ ଏବଂ ଅନ୍ୟମାନଙ୍କୁ ଏଥି ନିମନ୍ତେ ଉତ୍ସାହିତ କରିବାର ଆବଶ୍ୟକତା ରହିଛି ବୋଲି ପ୍ରଧାନ ମତବ୍ୟକ୍ତ କରିଥିଲେ। ମାଲ୍ୟବନ୍ତ ମହୋତ୍ସବ ସାଂସ୍କୃତିକ କମିଟି ଅଧ୍ୟକ୍ଷ ତଥା ଉପଜିଲାପାଳ ଡ. ଅକ୍ଷୟ କୁମାର ଖେମୁଣ୍ଡୁ ସାଗତ ଦେଇ ଲୋକ ନୃତ୍ୟ ପ୍ରତିଯୋଗିତା ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ମତ ରଖିବା ସହ ଜିଲାପାଳଙ୍କ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ୧୧ ଲୋକ ନୃତ୍ୟ ଦଳର ୩୦୦ରୁ ଅଧିକ କଳାକାର ଭାଗ ନେଇଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସହାୟତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମାଥିଲି ବ୍ଲକ ମହୁପଦର୍ ଗ୍ରାମର ଦୁରୁଆ ନୃତ୍ୟ ପ୍ରଥମ, ପଡ଼ିଆ ବ୍ଲକ ଇରାଲଗୁଣ୍ଡି ଗ୍ରାମର କୋୟା ଦିତୀୟ ଓ ମାଲକାନଗିରି ବ୍ଲକର ଗଡଙ୍ଗୀ ନୃତ୍ୟ ତୃତୀୟ ସ୍ଥାନ ଅଧିକାର କରିଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ମାଲ୍ୟବନ୍ତ ମୁଖ୍ୟ ଉତ୍ସବରେ ପରିବେଷଣ କରିବେ। ବିଚାରକ ଭାବେ ଘେନୁ ମୁଦୁଲି, ଶ୍ରୀତମ ସାମନ୍ତରାୟ ଓ ସୁରେଶ ରାଉତ ଯୋଗ ଦେଇଥିଲେ। ଶ୍ୟାମ ସୁନ୍ଦର ନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ନିୟୋଜନ ଅଧିକାରୀ, ମାନସୀ ସେଠୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ସସ୍ମିତା ସ୍ୱାଇଁ, ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା, ବିଡିଓ ପ୍ରଭାତୀ ଝଡିଆ ଓ ଶଶାଙ୍କ କୁମାର ମିଶ୍ର ଉପସ୍ଥିତ ଥିଲେ।

### ଶୌର୍ଯ୍ୟ ଦିବସରେ ଦାମନଯୋଡିରେ ସନ୍ଥ ସମାଗମ

ଦାମନଯୋଡି, ୧୦।୧୨ (ନରସିଂହ ବ୍ରହ୍ମା)

୧୯୯୨ ମସିହା ଡିସେମ୍ବର- ୬ ତାରିଖରେ ଅଯୋଧ୍ୟାର ବହୁ ବିବାଦୀୟ ବାବରି ମସଜିଦ ସୌଧକୁ କରସେବକମାନଙ୍କ ଦ୍ୱାରା ଭାଙ୍ଗାଯାଇଥିଲା। ଏହି ସମୟରେ ବହୁ କରସେବକ ବଳିଦାନ ଦେଇଥିଲେ। ସେହିଦିନଠାରୁ ଭାରତରେ ଡିସେମ୍ବର-୬କୁ ଶୌର୍ଯ୍ୟ ଦିବସ ଭାବରେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲା ଦିଗପହଣ୍ଡିସ୍ଥିତ ମା' ହରିପ୍ରିୟା ଆଶ୍ରମାଧୀଶ ଯୋଗୀ ଦେବଦତ୍ତ ମହାରାଜଙ୍କ ନେତୃତ୍ୱରେ ଶୁକ୍ରବାର ପୁରୀରୁ ବହୁ ସନ୍ଥ ଦାମନଯୋଡିଠାରେ ପହଞ୍ଚିଥିଲେ। ସାଧୁସନ୍ଥଙ୍କୁ ଦାମନଯୋଡିରେ ବିଭିନ୍ନ ସ୍ଥାନରେ ସୁସଜ୍ଜିତ କଳସ ସ୍ଥାପନ କରି ମହିଳାମାନେ ସ୍ୱାଗତ କରିଥିଲେ। ୨୦୨୪ ଜାନୁୟାରୀ-୨୨ରେ ଅଯୋଧ୍ୟାରେ ହେବାକୁ ଥିବା ପୁରୁଷୋତ୍ତମ ଶ୍ରୀରାମଙ୍କ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ନିଜ ଘରେ କିପରି ପାଳନ କରିବେ ସେ ସମ୍ପର୍କରେ ସବିଶେଷ ସୂଚନା ଦେବା ସହ ଶ୍ରୀରାମ କଥା, ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର, ଗୋ ରକ୍ଷା ଆଦି ଏହି ଯାତ୍ରାର ଉଦ୍ଦେଶ୍ୟ ବୋଲି ଯୋଗୀ ଦେବଦତ୍ତ ମହାରାଜ କହିଥିଲେ। ରାଷ୍ଟ୍ରଦୀପ ପ୍ରସାର ସମିତି ସମ୍ପାଦକ ଡ. ଜଳେନ୍ଦ୍ର ତ୍ରିପାଠୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସଙ୍ଗଠନ ସାମିଲ ହୋଇଥିଲେ।

### ବୋରିଗୁମ୍ମାରେ ବଢୁଛି ଚୋରଙ୍କ ପ୍ରାଦୁର୍ଭାବ

ବୋରିଗୁମ୍ମା, ୧୦।୧୨ (ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ଅଞ୍ଚଳରେ ଦିନକୁ ଦିନ ଚୋରି ବଢ଼ିବାରେ ଲାଗିଛି। ଗତ ରାତିରେ ଥାନା ସମ୍ମୁଖରେ ଥିବା ଗୋଟିଏ ଦୋକାନରୁ ଚୋରମାନେ ଚୋରି ଉଦ୍ୟମ କରିଥିଲେ। ବିଗତ ଦିନରେ ଜନଗହଳି ପୂର୍ଣ୍ଣ ମାର୍କେଟ ରୋଡ୍ ନିକଟରେ ବାଇକ୍ ଡିକିରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିଲା। ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଘରଗୁଡ଼ିକରୁ ମଧ୍ୟ ଚୋରି ହେଉଛି। ବୋରିଗୁମ୍ମାରେ ଥିବା ୩୪ଟି ସିସିଟିଭି ଅଚଳ ହୋଇପଡିଥିବାରୁ ଏହା ଚୋରମାନଙ୍କୁ ବେଶ୍ ସୁହାଉଛି। ଏନେଇ ବୋରିଗୁମ୍ମା ବ୍ୟବସାୟୀ ସଂଘ ପ୍ରତିକ୍ରିୟା ପ୍ରକାଶ କରିଛି। ସଭାପତି ସୂର୍ଯ୍ୟନାରାୟଣ ଆଚାରୀ, ସମ୍ପାଦକ ରାଜ ସିଂ, ଯୁଗ୍ମ ସମ୍ପାଦକ ବିନୁ ପାଣିଗ୍ରାହୀ, କୋଷାଧ୍ୟକ୍ଷ ମଣ୍ଟୁ ପଣ୍ଡା, ବିକାଶ ବେଗରାଇ, ସୁନୀଲ ଦେବତା ପ୍ରମୁଖ ଏସ୍‌ଡିପିଓ ଶୁଭେନ୍ଦୁ ଶବରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଆଗକୁ ବୋରିଗୁମ୍ମାରେ ପାଟ୍ରୋଲିଂ କଡ଼ାକଡି କରିବାକୁ ସଂଘ ଦାବି କରିଛି। ନ ହେଲେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି।

# ସନ୍ଥ ରାମପାଲଜୀ ମହାରାଜଙ୍କ ସତ୍‌ସଙ୍ଗ



ସତ୍ ସଙ୍ଗରେ ଉପସ୍ଥିତ ଶ୍ରଦ୍ଧାଳୁମାନେ।

ମାଲକାନଗିରି, ୧୦।୧୨ (ଦୁର୍ଯ୍ୟୋଧନ ପତ୍ର)

ମାଲକାନଗିରି ଜିଲା ଉପ କାରାଗାରରେ ରବିବାର ଧର୍ମାର୍ଥ ଟ୍ରଷ୍ଟ, ହରିୟଣାର ଓଡ଼ିଶା ଶାଖା ତରଫରୁ ସନ୍ଥ ରାମପାଲ ଜୀଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ତରଫରୁ ଜେଲ ଅନ୍ତେବାସୀଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଆଧ୍ୟାତ୍ମିକତାର ବିକାଶ ପାଇଁ ସନ୍ଥ ରାମପାଲଜୀଙ୍କ ତତ୍ତ୍ୱାବଧାନରେ ଓଡ଼ିଶାର ବିଭିନ୍ନ କାରାଗାରରେ ଆଧ୍ୟାତ୍ମିକ ସତ୍‌ସଙ୍ଗର ଆୟୋଜନ କରାଯାଉଛି। ପ୍ରୋଜେକ୍ଟର ମାଧ୍ୟମରେ ସତସଙ୍ଗର ଆୟୋଜନ କରାଯାଇଥିଲା ଯେଉଁଥିରେ ଶତାଧିକ ଅନ୍ତେବାସୀଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ରହି ପରମାତ୍ମାଙ୍କର ଅମୂଲ୍ୟ ସତସଙ୍ଗରୁ ଦିବ୍ୟବାଣୀ ଶ୍ରବଣ କରିଥିଲେ। ସମସ୍ତଙ୍କୁ ଆଧ୍ୟାତ୍ମିକ ପୁସ୍ତକ ବଣ୍ଟନ କରାଯାଇଥିଲା। ଜେଲ କର୍ତ୍ତୃପକ୍ଷ ଏହି କାର୍ଯ୍ୟକ୍ରମ ପାଇଁ ସନ୍ଥ ରାମପାଲଜୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଆଗାମୀ ଦିନରେ ପୁନର୍ବାର ଏହିଭଳି କାର୍ଯ୍ୟକ୍ରମ ମାନ ଆୟୋଜନ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ମୁନୀନ୍ଦ୍ର ଧର୍ମାର୍ଥ ଟ୍ରଷ୍ଟର ରାଜ୍ୟ ସଂଯୋଜକ ଅକ୍ଷୟ ଦାସ ଓ ରାଜ୍ୟ ସହ ସଂଯୋଜକ ନିରଞ୍ଜନ ଦାସଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ଆୟୋଜନ କରଯାଇଥିଲା।

# ଅଯୋଧ୍ୟାରୁ ଆସିଥିବା ଅକ୍ଷତକୁ ବଜରଙ୍ଗ ଦଳର ସ୍ୱାଗତ




ଅକ୍ଷତକୁ ବଜରଙ୍ଗଦଳ ପକ୍ଷରୁ ସ୍ୱାଗତ କରାଯାଉଛି।

ପଡିଆ, ୧୦।୧୨ (ଭାସ୍କର ରାଓ)

ପଡିଆ ବଜରଙ୍ଗ ଦଳ ପକ୍ଷରୁ ଅଯୋଧ୍ୟାରୁ ଆସିଥିବା ଅକ୍ଷତ ଚାଉଳକୁ ରବିବାର ପଡିଆରେ ସ୍ୱାଗତ କରି ପ୍ରଥମେ ସ୍ଥାନୀୟ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ଆଡମ୍ବରରେ ବଜାର ପରିକ୍ରମା କରାଯାଇଥିଲା। ଜୟ ଶ୍ରୀ ରାମ ନାରାରେ ପୁର ପଲ୍ଲୀ ପ୍ରକମ୍ପିତ ହୋଇଥିଲା।

# ଶିଶୁ ସୁରକ୍ଷା ୟୁନିଟ ଦ୍ୱାରା ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ମାଲକାନଗିରି, ୧୦।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲା ଶିଶୁ ସୁରକ୍ଷା ୟୁନିଟ ଦ୍ୱାରା ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାର ସମସ୍ତ ସ୍କୁଲରୁ ଆସିଥିବା ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝି, ଅନ୍ୟତମ ଅତିଥି ଶିଶୁମଙ୍ଗଳ ସମିତି ସଭାପତି ସଂଯୁକ୍ତା ପ୍ରଧାନ, ଜିଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ଭୁଜବଳ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ଶିଶୁ ଅଧିକାରୀ ନାରାୟଣ ଦାସ ପରିଚାଳନା କରିଥିଲେ। ଜିଲା ବାଲ୍ୟବିବାହ ସଂଯୋଜକ ଦଳପତି ନାୟକ ଓ ସତ୍ୟଜତ ପଣ୍ଡା, ସୁଶାନ୍ତ ସାହୁ, କୁଞ୍ଜଲତା ନାୟକ, ରାଜଲକ୍ଷ୍ମୀ ପ୍ରଧାନ, ଶିବପ୍ରସାଦ ନାୟକ, ମୌସୁମୀ ମିଶ୍ର ଏବଂ ସମସ୍ତ ଶିଶୁ ଗୃହରୁ ଆସିଥିବା ଅଧିକାରୀ, ଅନ୍ତେବାସୀମାନେ ଯୋଗ ଦେଇଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯିବା ସହ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ପାଇଁ ସେମାନଙ୍କ ନାମ ମନୋନୀତ କରାଯାଇଥିଲା।



ପ୍ରତିଯୋଗିତାରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ।

# ନୂଆ ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଏମ୍‌ଭି ୭୯, ୧୦।୧୨ (ଭିକି ବାରିକ)

ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମ୍‌ଭି ୭୯ ସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରବିବାର ଓଡ଼ିଶା ସରକାରଙ୍କ ସମାନତ ଯୁବ ବିକାଶ ଯୋଜନାର ନୂଆ ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ମାଧ୍ୟମରେ ଯୁବ ପିଢିଙ୍କ ମଧ୍ୟରେ ଥିବା ବିଭିନ୍ନ କଳା ଓ ପ୍ରତିଭାର ବିକାଶ ପାଇଁ କ୍ରୀଡା, ସାଂସ୍କୃତିକ ଓ ସାମାଜିକ ସେବା କାର୍ଯ୍ୟକ୍ରମର ଆୟୋଜନ କରଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ବିରାଜ ମଜୁମଦାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ସତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ତଥା ଜିଲା ବିଜୁ ଯୁବ ଜନତା ସଭାପତି ଆଡମା ରାବା ଉପସ୍ଥିତ ହୋଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ରାବା ପ୍ରକାଶ କହିଥିଲେ, ଯୁବ ପ୍ରତିଭା ଦେଶର ଭବିଷ୍ୟତ। ଛାତ୍ରୀଛାତ୍ରଙ୍କୁ କ୍ରୀଡା, ସାଂସ୍କୃତିକ ଓ ସାମାଜିକ ସେବା ପରମ୍ପରା ଉପରେ ଅଧିକ ଗୁରୁତ୍ୱ ଦେବାକୁ ସେ ଉପଦେଶ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମନୋଜ କୁମାର ମିଶ୍ର, ଦୀପକ ଦତ୍ତ, ପ୍ରହଲ୍ଲାଦ ଦାସ, କିରଞ୍ଜିତ ବାଲା, ଆଶିଷ ବାଇନ ଓ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ଶିକ୍ଷକ ଆଲୋକ ନନ୍ଦ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ରିଡା ପ୍ରତିଯୋଗୀତା ସହ ସଫେଇ କାର୍ଯ୍ୟକ୍ରମ ଓ ସଚେତନତା ମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଯୁବ ବିକାଶ ଯୋଜନା

# ଅଯୋଧ୍ୟାରୁ ଆସିଥିବା ଅକ୍ଷତ ଅମୃତ କଳସକୁ ସ୍ୱାଗତ

କାଲିମେଳା, ୧୦।୧୨ (ଜୀବନ କୃଷ୍ଣ ଦାସ)

ରାମ ମନ୍ଦିର ପ୍ରତିଷ୍ଠା ସାଙ୍ଗକୁ ରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ୨୦୨୪ ଜାନୁୟାରୀ ୨୨ ରେ ଅଯୋଧ୍ୟାରେ ହେବାକୁ ଯାଉଛି। ଏହି ଅବସରରେ ଶ୍ରୀରାମଙ୍କ ଜନ୍ମଭୂମି ତୀର୍ଥକ୍ଷେତ୍ର ଅଯୋଧ୍ୟା ପକ୍ଷରୁ ଗତ ୫ ତାରିଖରେ ଅକ୍ଷତ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ତେବେ ସେଠାରେ ପୂଜା ହୋଇଥିବା ଅକ୍ଷତ ଶୁଭ କଳସ ସାରା ଭାରତର ବିଭିନ୍ନ ପ୍ରାନ୍ତକୁ ପଠା ଯାଇଥିବା ବେଳେ ରବିବାର ମାଲକାନଗିରି ଜିଲା ସୀମାନ୍ତ କାଲିମେଳା ବ୍ଲକ ସଦର ମହକୁମାରେ ପହଞ୍ଚିବା ପରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଯୋଧ୍ୟାରୁ ଅକ୍ଷତ କାଲିମେଳା ହାଟପଦାଠାରେ ପହଞ୍ଚିବା ପରେ କାଲିମେଳା ବିଶ୍ୱହିନ୍ଦୁ ପରିଷଦ, ଭାଜପା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀଛାତ୍ର, ଭାରତୀୟ ବିଦ୍ୟା ନିକେତନ, ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀ ଶିକ୍ଷକ, ମହିଳା ପୁରୁଷ ଏକ ଶୋଭାଯାତ୍ରାରେ ଆଣି ଅମୃତ କଳସ ଅକ୍ଷତକୁ ଭବ୍ୟ ସ୍ୱାଗତ କରି ନାମ ସଙ୍କୀର୍ତ୍ତନ ମାଧ୍ୟମରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରେ ରଖାଯାଇଛି। ମହିଳାମାନେ ଅକ୍ଷତକୁ ମୁଣ୍ଡାଇ ସହର ପରିକ୍ରମା କରିଥିଲେ।

ସୂଚନା ଅନୁଯାୟୀ, କାଲିମେଳା ବ୍ଲକରେ ଥିବା ୨୩ ପଞ୍ଚାୟତକୁ ଅକ୍ଷତକୁ ପର୍ଯ୍ୟାୟ କ୍ରମେ ପଠାଯିବ। ଏହାପରେ ପଞ୍ଚାୟତ ସଦରରୁ ପ୍ରତ୍ୟେକ ଗ୍ରାମକୁ ପଠାଯାଇ ଘରେ ଘରେ ବିତରଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହା ଜାନୁଆରୀ ୧ ତାରିଖରୁ ୨୦ ପର୍ଯ୍ୟନ୍ତ ଚାଲିବ।



ଅମୃତ କଳସକୁ ସ୍ୱାଗତ ଅବସରରେ ବାହାରିଥିବା ଶୋଭାଯାତ୍ରା।



ନବରଙ୍ଗପୁରମଣ୍ଡେଇ ମଞ୍ଚରେ ଜିଲା ପ୍ରଶାସନ ପକ୍ଷରୁ ଅତିଥିମାନଙ୍କୁ ସମ୍ମାନିତ କରାଯିବା ସହ ସ୍ମୃତି ଫଳକ ପ୍ରଦାନ କରାଯାଇଛି।



ଉଦ୍‌ଘାଟନୀ ଉତ୍ସବରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।



ଶୋଭାଯାତ୍ରାରେ ସାମିଲ ହୋଇଥିବା ଅତିଥି ଓ ଜିଲା ପ୍ରଶାସନିକ ଅଧିକାରୀ।





ମଣ୍ଡେଇ ଶୋଭାଯାତ୍ରାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାରମାନେ ସାଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ଜିଲା ବିକାଶର ବାର୍ତ୍ତା ଦେଉଛି ମଣ୍ଡେଇ

■ ଲୋକ ମହୋତ୍ସବ ମଣ୍ଡେଇ, ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

■ ସମସ୍ତଙ୍କ ସହଯୋଗରେ ଆର୍ଥିକ, ସାମାଜିକ ବିକାଶ ହୋଇପାରିବ: ମନ୍ତ୍ରୀ

ନବରଙ୍ଗପୁର,୧୦।୧୨(ସଦାଶିବ ପ୍ରହରାଜ)

ନବରଙ୍ଗପୁରର ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ୨୦୨୩ ରବିବାରଠାରୁ ଆରମ୍ଭ ହୋଇଛି। ମା’ ଭଣ୍ଡାର ଘରଣୀ ମନ୍ଦିରଠାରେ ପୂଜାର୍ଚ୍ଚନା ସରିବା ପରେ ଶୋଭାଯାତ୍ରା ନବରଙ୍ଗପୁର ସହରର ମୁଖ୍ୟରାସ୍ତା ଦେଇ ଯାଇ ହିର୍ଲିସ୍ଥିତ ନୂତନ ମଣ୍ଡେଇ ପଡିଆଠାରେ ପହଞ୍ଚି ଥିଲା। ସେଠାରେ ଭିମାଭିମାଣି ସ୍ଥାପନ ସହ ପୂଜାର୍ଚ୍ଚନା କରାଯାଇଥିଲା। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ମଣ୍ଡେଇ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟନ କରିଥିଲେ। ଅନୁସୂଚିତ ଜନଜାତି ଓ ଜାତି ବିଭାଗ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଉତ୍ସବରେ ଯୋଗଦେଇ ଲୁକ୍କାୟିତ ପ୍ରତିଭାର ବିକାଶ କରିବାରେ ଏହି ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ଏକ ମାଧ୍ୟମ ବୋଲି କହିଥିଲେ । ପଲ୍ଲିଶ୍ରୀ ମେଳାରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଦ୍ୱାରା ଖୋଲା ଯାଇଥିବା ଷ୍ଟଲ ମାଧ୍ୟମରେ ବିକାଶର ବାର୍ତ୍ତା ମିଳୁଛି । ଜନସାଧାରଣ ସଚେତନ ହେବା ସହିତ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ କିଭଳି ବିକଶିତ ହେବେ ସେ ନେଇ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି । ବିକାଶ କ୍ଷେତ୍ରରେ ଜନସାଧାରଣ ସହଯୋଗ କଲେ ଜିଲା ଆଗକୁ ଏକ ନମ୍ବର ହୋଇପାରିବ, ଏଥିରେ ଦ୍ୱିମତ ନାହିଁ ବୋଲି ମନ୍ତ୍ରୀ ସାରକା କହିଛନ୍ତି। ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ବିକାଶ ପରିଷଦ ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝୀ ଯୋଗଦେଇ କହିଥିଲେ ଯେ, ଜିଲାର ସମସ୍ତ ଆଦିବାସୀଙ୍କ କିଭଳି ଅଧିକରୁ ଅଧିକ ଉନ୍ନତି ହେବ, ସେଥିପ୍ରତି ରାଜ୍ୟ ସରକାର ସବୁବେଳେ ଚେଷ୍ଟା ଜାରି ରଖିଛନ୍ତି। ତେଣୁ ସମସ୍ତେ ଏକ ହୋଇ ରାଜ୍ୟ ସରକାରଙ୍କ ସହିତ ହାତରେ ହାତ ମିଶାଇ ସମସ୍ତ ଉନ୍ନୟନ କାର୍ଯ୍ୟରେ ସହଯୋଗ କରିବାକୁ ମାଝୀ ଅନୁରୋଧ କରିଥିଲେ। ସେହିପରି ନବରଙ୍ଗପୁର ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ ଯୋଗଦେଇ ନବରଙ୍ଗପୁର ଜିଲାର ଲୋକକଳା ଯେତେବେଳେ ଧୀରେ ଧୀରେ ଲୋପ ପାଇବାକୁ ବସିଥିଲା, ସେହି ସମୟରେ ଜିଲାସ୍ତରୀୟ ମଣ୍ଡେଇ କାର୍ଯ୍ୟକ୍ରମ କରି ଆଦିବାସୀ କଳା ଓ ପରମ୍ପରାକୁ ବଜାୟ ରଖିବା ପାଇଁ ଜିଲା ପ୍ରଶାସନ ଚେଷ୍ଟା କରୁଥିବାରୁ ଧନ୍ୟବାଦ ଜଣାଇଥିଲେ।

ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ ଯୋଗଦେଇ ନବରଙ୍ଗପୁର ଜିଲା ମହୋତ୍ସବ ମଣ୍ଡେଇର ପ୍ରଥମ ଦିନରେ ଯେଭଳି ବିଭିନ୍ନ ଦେବଦେବୀ, ଲାଠି କୁର୍ଚି ସହିତ ଶୋଭାଯାତ୍ରାରେ ଶତାଧିକ ଜନସାଧାରଣ ଯୋଗ ଦେଉଛନ୍ତି, ଏପ୍ରକାର ଶୋଭାଯାତ୍ରା ଅନ୍ୟ କୌଣସି ଜିଲାସ୍ତରୀୟ ମହୋତ୍ସବରେ ଦେଖିବାକୁ ମିଳିବ ନାହିଁ ବୋଲି କହିଥିଲେ। ମଣ୍ଡେଇ ନବରଙ୍ଗପୁର ଜିଲା ପାଇଁ ଏକ ଗୌରବର ବିଷୟ ବୋଲି ଏମ୍‌ପି ମାଝୀ କହିଛନ୍ତି। ରାଜ୍ୟ ସଭା ଏମ୍‌ପି ମୁଜିବୁଲ୍ଲା ଅହମ୍ମଦ ଖାଁ (ମୁନା ଖାଁ) ଯୋଗଦେଇ ଆମ ନବରଙ୍ଗପୁର ମାଟି ହେଉଛି କଳାର ମାଟି । କଳା ଆଉ କଳାକାରର ସୃଷ୍ଟି ନବରଙ୍ଗପୁର ଜିଲାରୁ ଆରମ୍ଭ ହୋଇଛି। ଆମେ ସବୁବେଳେ ଚେଷ୍ଟା କରିବା ଯେ, ଆମ ଜିଲା କିଭଳି ଆଗକୁ ଯିବ ଆଉ ବିକାଶସ୍ତରରେ ନାଁ ରଖିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ଜିଲାର ବିକାଶ ପାଇଁ ଚେଷ୍ଟିତ ବୋଲି ସେ କହିଛନ୍ତି । ଡାବୁଗାଁ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମନୋହର ରନ୍ଧାରୀ ଯୋଗଦେଇ ଜିଲା ଲୋକ ମହୋତ୍ସବ ମଣ୍ଡେଇ ବର୍ତ୍ତମାନ ସାରା ବିଶ୍ୱସ୍ତରରେ ପରିଚିତ ହୋଇଛି। ଇନ୍ଦ୍ରଧନୁର ଯେଭଳି ୭ଟି ରଙ୍ଗ ରହିଛି, ନବରଙ୍ଗପୁର ଜିଲାରେ ସେଭଳି ୯୦ଟି ରଙ୍ଗ ରହିଛି । ଏହି ୯୦ କଳା, ସଂସ୍କୃତି, ପରମ୍ପରା ଓ ଭାଇଚାରା ଜିଲା ଭାବେ ଗଢିଲେ ବିଶ୍ୱସ୍ତରରେ ସ୍ଥାନ ପାଇପାରିବା ବୋଲି କହିଛନ୍ତି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଯୋଗଦେଇ କହିଥିଲେ ଯେ, ଜିଲା, ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ବିଭିନ୍ନ କଳା ଓ କାରୁକାର୍ଯ୍ୟ ଦେଖିବା ପରେ ମଣ୍ଡେଇ ଆସିକି ଜୀବନ ସାର୍ଥକ ହୋଇଗଲା ଭଳି ଲାଗୁଛି ବୋଲି କହିଥିଲେ। ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ ଏବଂ ନବରଙ୍ଗପୁର ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ଯୋଗଦେଇ ସବୁବେଳେ ଆମ ସଂସ୍କୃତି ଆଉ ପରମ୍ପରାକୁ କିଭଳି ବଞ୍ଚେଇ ରଖିବା ସେ ନେଇ ଚେଷ୍ଟା କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ନବରଙ୍ଗପୁର ପୌର ପରିଷଦ ଅଧ୍ୟକ୍ଷ କୁନୁ ନାୟକ ମଣ୍ଡେଇ ଏକ ଭାଇଚାରାର ପର୍ବ ବୋଲି କହିଥିଲେ। ଉଠା ଜଳସେଚନ ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ ଯୋଗଦେଇଥିଲେ।

ନବରଙ୍ଗପୁର ଜିଲାପାଳ ତଥା ଜିଲା ସାଂସ୍କୃତିକ ପରିଷଦ ଅଧ୍ୟକ୍ଷ ଡ଼. କମଳଲୋଚନ ମିଶ୍ର ଏହି କାର୍ଯ୍ୟକ୍ରମକୁ ପୌରହିତ୍ୟ କରିଥିଲେ । ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅନନ୍ୟା ଦାଶ ପଲ୍ଲିଶ୍ରୀ ମେଳା ମାଧ୍ୟମରେ ଜିଲା ବିକାଶର ବାର୍ତ୍ତା ପହଞ୍ଚି ପାରୁଛି ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ହିମାଂଶୁ ଶେଖର ପଟ୍ଟନାୟକ ଏବଂ ଅଧ୍ୟାପିକା ଡ଼. ସଞ୍ଜୁକ୍ତା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ ଓ ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅତିଥିଙ୍କୁ ପ୍ରଶାସନ ପକ୍ଷରୁ ଶ୍ରଦ୍ଧାର (ସ୍ମୃତିଫଳକ) ଭେଟି ପ୍ରଦାନ କରାଯାଇଥିଲା। ଏହା ପରେ ସ୍ୱାଗତ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ମୟୂରଭଞ୍ଜର ଛଉନୃତ୍ୟ, ଆସାମର ବିହୁ ନୃତ୍ୟ, ସମ୍ବଲପୁରର ଡାଲଖାଇ, ବଲାଙ୍ଗିରର ଢ଼ାପ , ପଞ୍ଜାବର ଭାଙ୍ଗଡା ନୃତ୍ୟ ଓ ସ୍ଥାନୀୟ ଲୋକ ନୃତ୍ୟ ପରିବେଷଣ ହୋଇଥିଲା ।

# ପାରମ୍ପରିକ ବାଦ୍ୟ, ନୃତ୍ୟରେ ଶୋଭାଯାତ୍ରା

ନବରଙ୍ଗପୁର,୧୦।୧୨(ସଦାଶିବ ପ୍ରହରାଜ)

**ଜିଲାସ୍ତରୀୟ ମଣ୍ଡେଇ**

ନବରଙ୍ଗପୁର ଜିଲାସ୍ତରୀୟ ସାଂସ୍କୃତିକ ଗଣପର୍ବ ମଣ୍ଡେଇ ୨୦୨୩ର ରବିବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାରମ୍ପରିକ ବାଦ୍ୟ, ନୃତ୍ୟରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଅପରାହ୍ନରେ ଅଧିଷ୍ଠାତ୍ରୀ ଦେବୀ ମା’ ଭଣ୍ଡାରଘରଣୀ ମନ୍ଦିରରେ ପୂଜାର୍ଚ୍ଚନା କରି ମଶାଲ ପ୍ରଜ୍ୱଳିତ କରାଯାଇଥିଲା। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ କମଳ ଲୋଚନ ମିଶ୍ର ଭଣ୍ଡାରଘରଣୀଙ୍କ ନିକଟରେ ପୂଜା ଅର୍ଚ୍ଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜାତି, ଜନଜାତି ବିଭାଗ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ରାଜ୍ୟସଭା ଏମ୍‌ପି ମୁଜିବୁଲ୍ଲା ଖାନ, ଡାବୁଗାଁ ବିଧାୟକ ତଥା ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ମନୋହର ରନ୍ଧାରି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ରାଜ୍ୟ ସ୍ୱତନ୍ତ୍ର ବିକାଶ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝି, ନବରଙ୍ଗପୁର ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ନବରଙ୍ଗପୁର ଉଠା ଜଳସେଚନ ବିଭାଗ ଉପଦେଷ୍ଟା ପ୍ରମୋଦ ପାଢ଼ୀ, ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ, ନବୀନ ଚନ୍ଦ୍ର ନାୟକ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲା ମଙ୍ଗଳ ଅଧିକାରୀ ପଲକା ରବୀନ୍ଦ୍ର, ଅନୁସୂଚିତ ଜାତି ଜନଜାତି ପ୍ରକଳ୍ପ ପ୍ରଶାସକ ରାଜୀବ କୁମାର ସାହୁଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଶୋଭାଯାତ୍ରାରେ ଉପସ୍ଥିତ ଥିଲେ। ଏଥିସହିତ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିତ୍ୱବା କଳାକାର, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ପ୍ରମୁଖ ଶୋଭାଯାତ୍ରାରେ ବାହାରି ମଣ୍ଡେଇ ପଡିଆଠାରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ ମଶାଲ ସମେତ ପ୍ରତୀକ ଦେବୀ ଲାଠି, ଚୌକି, ବାଲି ବିହନ ଚାଙ୍ଗୁଡ଼ି, ପ୍ରତୀକ ଭିମା ଭିମାଣି, ବିଭିନ୍ନ ପାରମ୍ପରିକ ଢେମ୍‌ସା, ମଣ୍ଡେଇ ଡ୍ୟାନ୍ସ ଗ୍ରୁପର ସାଇଲୋଡି, ମାଟି ମଣ୍ଡାର, କୋଣ୍ଡାରୀ ନାଚ, ଦୁମଦେଇ ପଦର ନାଚ, ଢୁଢୁରା ହୁଡ଼କି, ମଣ୍ଡଲ, ମାଢିଆ ନୃତ୍ୟ, ପାରମ୍ପରିକ ବାଦ୍ୟ ଧ୍ୱନି ତାଳ ସହିତ କେଉଟ ସାହି, ଗୌଡ଼ ସାହି ଓ ସୌରା ସାହିର ପାଇକ ଆଖଡା ଶୋଭାଯାତ୍ରାରେ ଶୋଭା ମଣ୍ଡିତ କରିଥିଲା । ପାରମ୍ପରିକ ଢାପ ଓ ସଂଘ ବାଦ୍ୟରେ ଦୁଲୁକି ଉଠିଥିଲା ସହର ଦାଣ୍ଡ । ଜିଲାସ୍ତରୀୟ ଆଧିକାରୀ ମାନେ ହଳଦିଆ ପୋଷାକ ପିନ୍ଧି ଶୋଭାଯାତ୍ରାରେ ନୃତ୍ୟ ପରିବେଷଣ କରିଥିଲେ । ଯୁବ ଓ ଶିଶୁ କଳାକାରମାନେ ପାରମ୍ପରିକ ବେଶଭୁଷାରେ ନାଚୁଥିବା ଦେଖିବାକୁ ମିଳିଥିଲା । ଟ୍ରାଫିକ ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା ।



ଶୋଭାଯାତ୍ରାରେ କଳାକାରମାନେ ପାରମ୍ପରିକ ନୃତ୍ୟ କରି ଯାଉଛନ୍ତି ।

# ଚିତ୍ରାଙ୍କନ ପ୍ରତିଯୋଗିତା, ଭାଗନେଲେ ୧୬୫ ଛାତ୍ରୀଛାତ୍ର

ନବରଙ୍ଗପୁର,୧୦।୧୨
(ସଦାଶିବ ପ୍ରହରାଜ)

ସ୍ଥାନୀୟ ସିନ୍ଧିଗୁଡ଼ା ଉତ୍କଳ ବାଳାଶ୍ରମଠାରେ ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ଆନୁକୂଲ୍ୟରେ ଜିଲା ଶିଶୁ ସୁରକ୍ଷା ବିଭାଗ ସହାୟତାରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ ଯୋଗଦେଇ ଚିତ୍ରାଙ୍କନ କିପରି ଜଣଙ୍କର ଭାବକୁ ବ୍ୟକ୍ତ କରିଥାଏ ସେ ବିଷୟରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ପଲକା ରବୀନ୍ଦ୍ର, ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ଅଜନ୍ତା ଶୁଭଦର୍ଶିନୀ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ସିନ୍ଧିଗୁଡ଼ା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳାମ୍ବର ମୁଦୁଲି, ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ପ୍ରତିଯୋଗିତାରେ ମୋଟ ୧୨ଟି ବିଦ୍ୟାଳୟରୁ ୧୬୫ ଶିଶୁ ଭାଗ ନେଇଥିଲେ । ସେଥିମଧ୍ୟରେ ୩ଟି ଶିଶୁ ଯତ୍ନ ଅନୁଷ୍ଠାନର ୬୦ ଛାତ୍ରୀଛାତ୍ର ଭାଗ ନେଇଥିଲେ।୬ରୁ ୧୮ ବର୍ଷ ବୟସର ପିଲାଙ୍କ ମଧ୍ୟରେ ୩ଟି ବିଭାଗ ଶ୍ୱେତ, ସବୁଜ ଓ ନୀଳ ନାମରେ ବିଭକ୍ତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ବିଚାରକ ମଣ୍ଡଳୀ ଭାବେ ପର୍ଶୁରାମ ସାହୁ, ବସନ୍ତ କୁମାର ବେନିୟା, ମାଧବ ମଣ୍ଡଳ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି ଜଣାଯାଇଛି। ଜିଲା ଶିଶୁ ସୁରକ୍ଷା ବିଭାଗର ସୁରକ୍ଷା ଅଧିକାରୀ କୁନିମାନି ସ୍ୱାଇଁ, ଅରୁଣାର ଜିଲା ସଂଯୋଜିକା ପ୍ରଭାସିନୀ ପଟ୍ଟନାୟକ, ଉତ୍କଳ ବାଳାଶ୍ରମର ପରିଚାଳକ ରାମକୃଷ୍ଣ ସାବତ, ଶ୍ରୀପତି ଶତପଥୀ, ଅସିତ୍ କୁମାର ଆଚାର୍ଯ୍ୟ, ତୁଳସୀ ବେହେରା, ଅନୁପ କୁମାର ପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ ।

# ତେନ୍ତୁଳିଖୁଣ୍ଟିରେ କୃଷକ ମେଳା

ତେନ୍ତୁଳିଖୁଣ୍ଟି,୧୦।୧୨(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳଗୁମ୍ମା ପଞ୍ଚାୟତ ଅନ୍ତର୍ଗତ ବଗନାଗୁଡ଼ା ଗ୍ରାମରେ ଅଞ୍ଚଳର ଶତାଧିକ ଚାଷୀଙ୍କୁ ନେଇ କୃଷକ ମେଳା ଅନୁଷ୍ଠିତ ହୋଇଛି। ତେନ୍ତୁଳିଖୁଣ୍ଟି ବ୍ଲକ ଇଣ୍ଟରନ୍ୟାଶନାଲ ଡେଭେଲପ୍‌ମେଣ୍ଟ ଏଣ୍ଟରପ୍ରାଇଜର୍ସ ଇଣ୍ଡିଆର ଜିଲା ସଂଯୋଜକ ତେଜେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଏହି ମେଳା ଆୟୋଜିତ ହୋଇଥିଲା। କୃଷକମାନେ କିପରି ସ୍ୱଳ୍ପଖର୍ଚ୍ଚରେ ଚାଷକରି ଅଧିକ ଅମଳ ପାଇବେ ଏବଂ ଉଚିତ୍ ଦରରେ ଭଲ ବିହନ ସଂଗ୍ରହ କରିବେ ସେନେଇ ବୈଠକରେ ଆଲୋଚନା କରାଯାଇଥିଲା। ଚାଷୀଙ୍କୁ ୭ଟି ପ୍ରଣାଳୀ ଯଥା ନର୍ସରି ବା ଚାରା ଉତ୍ପାଦନ, ମାଟିରେ ଅଣରାସାୟନିକ ସାର ପ୍ରୟୋଗ, ଉଚ୍ଚ ପଟାଳିକା ବିହନ, ଧାଡ଼ିରେ ଚାରା ଲଗାଇବା, ଧାଡ଼ି ମଧ୍ୟରେ ଉଚିତ ବ୍ୟବଧାନ, ଲତାଜାତୀୟ ବିହନ ପାଇଁ ଭାଟ୍ରେଲିସ୍ ଯନ୍ତ୍ର ବ୍ୟବହାର ଲାଗି ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ତେନ୍ତୁଳିଖୁଣ୍ଟି ବ୍ଲକ ଆଇଡିଏଆଇ ଅନୁଷ୍ଠାନର କ୍ଷେତ୍ର ଅଧିକାରୀ କାନୁନ୍ ସାଗରିଆ ଓ ନନ୍ଦାହାଣ୍ଡି ବ୍ଲକ କ୍ଷେତ୍ରାଧିକାରୀ ସଞ୍ଜୀବ ବିଶୋୟୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨୦ ଲକ୍ଷ ୮୨ ହଜାର କୁଇଣ୍ଟାଲ ଧାନ କିଣା ହେବ

ନବରଙ୍ଗପୁର,୧୦।୧୨(ସଦାଶିବ ପ୍ରହରାଜ)

**ନବରଙ୍ଗପୁରରେ ଧାନ ମଣ୍ଡି ଆରମ୍ଭ**

ନବରଙ୍ଗପୁର ଜିଲାରେ ଖରିଫ ଧାନ ମଣ୍ଡି ରବିବାରଠାରୁ ଆରମ୍ଭ ହୋଇଛି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଧାନ ମଣ୍ଡି ଉଦ୍‌ଘାଟନ କରିଥିଲେ। ଧାନ ମଣ୍ଡିରେ ଚାଷୀଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବା ପାଇଁ ବ୍ୟବସ୍ଥା ରହିଛି। ଚାଷୀ ଠିକ୍ ମାନର ଧାନ ମଣ୍ଡିକୁ ଆଣିଲେ କୌଣସି ପ୍ରକାର ଅସୁବିଧା ହେବ ନାହିଁ ବୋଲି ବିଧାୟକ ପ୍ରଧାନୀ କହିଛନ୍ତି। ଚଳିତ ବର୍ଷ ୬୦ଟି ମଣ୍ଡିରେ ଧାନ କିଣାଯିବ। ପ୍ରଥମ ପର୍ଯ୍ୟାୟରେ ୪୩ ହଜାର ୮୦୯ ଜଣ ପଞ୍ଜୀକୃତ ଚାଷୀଙ୍କଠାରୁ ୨୦ ଲକ୍ଷ ୮୨ ହଜାର କୁଇଣ୍ଟାଲ ଧାନ କିଣାଯିବା ପାଇଁ ଟାର୍ଗେଟ ରହିଛି। ପ୍ରଥମ ଟାର୍ଗେଟ ସରିବା ପରେ ଆବଶ୍ୟକ ପଡିଲେ ପୁଣି ଟାର୍ଗେଟ ଆସିବ ବୋଲି ଜିଲାପାଳ କମଳ ଲୋଚନ ମିଶ୍ର ସୂଚନା ଦେଇଛନ୍ତି।

ମଣ୍ଡିରେ ଚାଷୀଙ୍କ ପାଇଁ ପାଣିର ବ୍ୟବସ୍ଥା, ଆଲୋକ, ଚେକି, ପଲିଥିନ ଆଦି ଆବଶ୍ୟକ ସରଞ୍ଜାମ ଯୋଗାଇ ଦିଆଯାଇଛି। ଚାଷୀଙ୍କୁ ଧାନ କିଣାରେ ଆରଏମ୍‌ସି, ମିଲର, ଲ୍ୟାମ୍ପ ଓ ମହିଳା ସ୍ୱୟଂ ସହାୟକ ଦଳର କର୍ମଚାରୀମାନେ ସହଯୋଗ କରିବେ। ଦ୍ୱିତୀୟ ପର୍ଯ୍ୟାୟ ମଣ୍ଡିରେ ଠିକ୍ ସମୟରେ ଚାଷୀଙ୍କ ଧାନ କିଣାଯିବା ଉପରେ ଆରଏମ୍‌ସି ଗୁରୁତ୍ୱ ଦେବାକୁ ବିଧାୟକ କହିଥିଲେ। ଧାନ ମଣ୍ଡି ସମୟରେ ଚାଷୀଙ୍କର ବିଭିନ୍ନ ସମସ୍ୟା ରହୁଛି। ଚାଷୀଙ୍କ ସମସ୍ୟା ନେଇ ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟରେ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ମଣ୍ଡିରେ ଚାଷୀଙ୍କ ଧାନ କିଣାରେ ବିଳମ୍ବ କରାଯାଉଥିବାରୁ ଧାନକୁ ଜଗି ଚାଷୀଙ୍କୁ ବାଧ ହୋଇ ଖଳାରେ ଶୋଇବାକୁ ପଡୁଛି। ଏଣୁ ଚଳିତ ମଣ୍ଡିରେ ଚାଷୀଙ୍କ ଧାନକୁ ତ୍ୱରିତ କିଣିବା ବ୍ୟବସ୍ଥା କରିବା ପାଇଁ ଚାଷୀ ଝାଡେଶ୍ୱର ଖାଡଙ୍ଗା କହିଥିଲେ। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଜିଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀ, ନବରଙ୍ଗପୁର ବିଡିଓ, ଏଆରସିଏସ ଶିବ ଶଙ୍କର ପ୍ରଧାନ, ଏସିଏସଓ ବିଷ୍ଣୁ ପ୍ରସାଦ ପ୍ରଧାନ, ନିଲମ ମାଝି, ମିଲର ସଂଘ ସଭାପତି ପ୍ରଦୀପ ମିଶ୍ର, ଆଶିଷ ରଞ୍ଜନ ପଟ୍ଟନାୟକ, ସରୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆର୍‌ଏମ୍‌ସି ସମ୍ପାଦକ କପିଳେନ୍ଦ୍ର ସାସମଲ ସଂଯୋଜନା କରିଥିଲେ।




ଧାନ ମଣ୍ଡି ଉଦ୍‌ଘାଟନ ଅବସରରେ ଜିଲାପାଳ ଚାଷୀଙ୍କୁ ସୂଚନା ଦେଉଛନ୍ତି।

## ତେନ୍ତୁଳିଖୁଣ୍ଟିରେ ଧାନ ମଣ୍ଡି ଉଦ୍‌ଘାଟିତ

ତେନ୍ତୁଳିଖୁଣ୍ଟି,(ଚିଦାନନ୍ଦ ସାହୁ )

ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଅଞ୍ଚଳଗୁମ୍ମା ଲ୍ୟାମ୍ପ ପରିସରରେ ରବିବାର ଏମ୍‌ଡି ସୁଶୀଲ ମହାପାତ୍ରଙ୍କ ନେତୃତ୍ୱରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଲ୍ୟାମ୍ପ ସଭାପତି ଦିଲୀପ ପ୍ରଧାନୀ ଧାନମଣ୍ଡି ଉଦଘାଟନ କରିଥିଲେ। ଏହି ସମୟରେ ଲ୍ୟାମ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ରନ୍ଧାରୀ, ଜୀବନ ଟାକ୍ରି,ବ୍ୟବସାୟୀ ସୁବ୍ରତ ଚୌଧୁରୀ, ବାରିଜ ପଟ୍ଟନାୟକ, ଅଞ୍ଚଳର ଚାଷୀ ଓ ମିଲରମାନେ ଉପସ୍ଥିତ ଥିଲେ। ସୋମବାର ପାତ୍ରପୁଟ, ବୁଧବାର କଣ୍ଟାଗାଁ, ଗୁରବାର କଂଗ୍ରା, ଶନିବାର ଅଞ୍ଚଳଗୁମ୍ମାଠାରେ ମଣ୍ଡି ହେବ ବୋଲି ଏମ୍‌ଡି ସୁଶୀଲ ମହାପାତ୍ର କହିଛନ୍ତି। ମଣ୍ଡିରେ ଚାଷୀ କିପରି ଅଧିକରୁ ଅଧିକ ଧାନ ବିକ୍ରି କରି ଲାଭବାନ ହେବେ ସେ ବିଷୟରେ ବୁଝାଇବା ସହ ମିଲରମାନେ ଚାଷୀଙ୍କ ଧାନକୁ କଟନି ଛଟନି ନ କରି ସୁରୁଖୁରୁରେ ମଣ୍ଡି ପରିଚାଳନାରେ ସହଯୋଗ କରିବାକୁ ନିବେଦନ କରିଥିଲେ।

